ନିର୍ଭୀକ ଆମ

PRGI. REGD. NO: ORORI/25/A2124

# ସମବାୟ ସମ୍ବାଦ

NIRBHIKA AMA SAMABAYA SAMBAD

●Vol -1 ●Issue - 17 ●August 16 - 31, 2026 ●Bhubaneswar ●Rs. 5 ●Pages - 08 ●Fortnightly

●ଭାଗ-୧ ●ସଂଖ୍ୟା-୧୭ ● ଅଗଷ୍ଟ ୧୬- ୩୧, ୨୦୨୬ ●ଭୁବନେଶ୍ୱର ●ମୂଲ୍ୟ ୫.୦୦ ଟଙ୍କା ●ପୃଷ୍ଠା ସଂଖ୍ୟା -୦୮ ●ପାକ୍ଷିକ

# ରାଜଧାନୀର ହାଉସିଂ ସମବାୟରେ କୋଟି କୋଟି ଟଙ୍କାକୁ ନେଇ ପ୍ରଶ୍ନ!




- ସମବାୟରେ କୋଟି କୋଟି ଟଙ୍କା କେଉଁଠି ଓ କେଉଁ କାର୍ଯ୍ୟରେ ବ୍ୟବହାର ହୋଇଛି ?
- କେଉଁ ନିଷ୍ପତ୍ତି ଆଧାରରେ ଖର୍ଚ୍ଚ ହେଲା ଓ ସଦସ୍ୟଙ୍କୁ ସମ୍ପୂର୍ଣ୍ଣ ହିସାବ ମିଳିଛି କି ?
- କେତେ ଜଣ ସଦସ୍ୟ ଜମି କିମ୍ବା ଗୃହ ପାଇଛନ୍ତି ।
- ସମବାୟର ସମ୍ପତ୍ତି ବର୍ତ୍ତମାନ କେତେ ?
- ଆର୍ଥିକ ପରିଚାଳନାରେ ସ୍ୱଚ୍ଛତା କାହିଁକି ନାହିଁ
- ବାରମ୍ବାର ଅଭିଯୋଗ ପରେ ତଦନ୍ତ ଶୂନ

BHUBANESWAR TOWN DEVELOPMENT HOUSING CO-OPERATIVE SOCIETY LTD.

## ସମବାୟରୁ ଉବାଚ



ଡବଲ୍ ଇଞ୍ଜିନ୍ ସରକାର କଥା,
ବିକାଶର ଉଠେ ଗୀତ;
ସମବାୟ ଆଇନ ହେଲେ ଆଜି,
କାଗଜରେ ହିଁ ସୀମିତ


ଛଅଷଠି, ସତଷଠି, ଅଠଷଠି ଧାରା,
ପୁସ୍ତକ ପୃଷ୍ଠାରେ ଶୋଏ;
ପ୍ରୟୋଗ ବେଳେ ନିରବ ହୋଇ,
କିଏ କାହାକୁ ଭୟ କରେ ?

ବେନାମୀ ପିଟିସନ୍ ଦିନେ ଦିନେ,
ଅନିୟମର ଲମ୍ବା କାହାଣୀ;
ବ୍ୟାଗ ଭିତରେ ସମିତି ଚାଲେ,
କେଉଁଠି ଆଇନର ରାଣୀ ?

ପ୍ରଶ୍ନ ଆଜି ଜନମନେ ଉଠେ,
ଉତ୍ତର କିଏ ଦେବେ ଭାଇ ?
କ୍ଷମତା ଥାଇ ମଧ୍ୟ ପ୍ରୟୋଗ ନାହିଁ,
ନା ଚାବି ଅନ୍ୟ ହାତକୁ ଯାଇ ?

ନା କାଲି ଏମିତି ଦିନ ଆସିବ,
ନୂଆ ହେବ ଆଇନର ଚିତ୍ର ?
RCS ରହିବେ କେବଳ ନାମରେ,
କ୍ଷମତା ହେବ ଅନ୍ୟର ମିତ୍ର

ସମବାୟକୁ ବଞ୍ଚାଇବାକୁ ହେଲେ,
ସ୍ଲୋଗାନ୍ ନୁହେଁ, ନିଷ୍ଠା ଦରକାର;
ଆଇନ କେବଳ ପୁସ୍ତକେ ନୁହେଁ,
ପ୍ରୟୋଗେ ହେଉ ତାହାର ସତ୍କାର



Bharatiya Janata Party,Co-operative Cell, Odisha

Letter No. BJP/Co.OP/15 Date. 26.04.2023

To

The Registrar of Cooperative Societies, Odisha


Sub: Request for disqualifying and removing Sri T. Prasad Rao Dora, from the post of the President, as well as Member of the committee of management of OSCB Ltd Bhubaneswar for violation of provisions contained in section 28-(3-a) & 3-(aa) of OCS ACT-1962

Sir,

In inviting reference to the subject cited above, this is to inform you that, Sri T. Prasad Rao Dora is a member of the committee of management and is holding the post of President, Of Odisha State Cooperative Bank Ltd., Bhubaneswar being representative Member of the Committee of Management of Bhubaneswar Town Development HBCS ltd., Bhubaneswar. The said society is affiliated with Orissa State Cooperative Housing Corporation Ltd. Bhubaneswar and also OSCB Ltd. That, it is revealed from certain Copy of demand notice of Orissa State Cooperative Housing Corporation Ltd, Bhubaneswar that, the Bhubaneswar Town Development HBCS ltd represented by T. Prasad Rao has borrowed a sum of Rs. 1,15,27,053/- , which has accumulated huge amount of interest thereon and being overdue to the tune of Rs. 5, 38, 12, 404 /- as on 10.07.2022. Accordingly, the notice has been issued repeatedly to the defaulting Town development HBCS, Bhubaneswar for payment of such dues and also last Demand Notice Vide letter No. 1092 dt. 08.07.2022 (copy enclosed) has been served upon the defaulter. Although a period of 8 months elapsed, they have not paid the debt amount as on today with an intent to deceive and defraud and to misappropriate the said sanction money along with the interest thereon. Previous two Demand Notice no-2766 Dt-10-01-2022 and no- 815 Dt-09-07-2021 copy of which is enclosed hereunder for your consideration and perusal and for necessary action.

Pg...1

Ph-(0674)2390866/876, Fax-(0674)2393955, Cell- 9437083403



Bharatiya Janata Party,Co-operative Cell, Odisha

Letter No.................... Date......................

That, it is pertinent to mentioned here that, as T. Prasad Rao Dora representing the Bhubaneswar Town Development HBCS Ltd, despite such deficiency for non payment of Loan Outstanding dues of Orissa State Cooperative Housing Corporation Ltd, Bhubaneswar, and that though repeated notices have been served upon said T. Prasad Rao and his society with an deliberate intent to misappropriate said outstanding dues and to make wrongful loss of Orissa State Cooperative Housing Corporation Ltd, Bhubaneswar and thereby trying to make wrongful gain of a huge sum of money.

As such, Continuance Of Sri T.Prasad Rao Dora, as a Member of the committee of management as well as the President of Odisha State Cooperative Bank Ltd., Bhubaneswar is illegal, unethical and hence he is liable to be Disqualified in accordance with the rules of law under section 28-(3-a) & 3-(aa) of OCS ACT-1962.

In accordance with the provisions under section 28-(3-a) & 3-(aa) of the OCS Act 1962 which clearly evisages that.

28-(3-a) a representive of a Socity or a body corporate shall not be eligible for being chosen or for continuing as a member or President of the committee of any other Society in cases where the Society or the body corporate which he represents.


(i) Has failed to pay any amount due, whether in cash or in kind, to the Society, its Financing Bank or any other Society, on account of any loan or otherwise, within three months from the date of notice by the Society or the Financing Bank concerned for payment of such dues.

And

(3-aa)any individual continuing as a member or president of the committee management whether by himself or as a representative of another society, incurring any of the disqualification specified in sub-section (3), or sub-section (3-a) shall cease to hold his office as such with effect from the date he incurs such disqualification.

Pg....2

Ph-(0674)2390866/876, Fax-(0674)2393955, Cell- 9437083403
HD. Office :Qr. 4R-3/2, Unit-3, Janpath, Bhubaneswar, Odisha 751001



NOTE SHEET

xxxxxxxxxxxxxxxxxxxxxx "due always inputs a fixed and settled obligation of all liabilities, means a legal liability to return something and the amount in order to constitute 'due' must be legally enforceable"

Nothing from records stand to establish that the claim on Bhubaneswar Town Development HBCS Ltd is a 'due' of Odisha Cooperative Housing Corporation as per observations made by Hon'ble High Court and Sri T Prasad Rao Dora has personally not defaulted in any payment of dues of any cooperative society.

Hence the allegation made, not stands in the eye of law, is hereby dropped.

REGISTRAR
OF COOPERATIVE SOCIETIES
ODISHA, BHUBANESWAR

ଭୁବନେଶ୍ୱର (ସମବାୟ ସମ୍ବାଦ ବ୍ୟୁରୋ): ଭୁବନେଶ୍ୱର ଟାଉନ୍ ଡେଭଲପମେଣ୍ଟ ହାଉସିଂ କୋ-ଅପରେଟିଭ୍ ସୋସାଇଟି ଲିମିଟେଡ୍‌ର ଆର୍ଥିକ କାରବାର, ସଦସ୍ୟଙ୍କ ଜମା ଟଙ୍କା ଓ ଗୃହ ନିର୍ମାଣ ସମ୍ବନ୍ଧୀୟ କାର୍ଯ୍ୟକଳାପକୁ ନେଇ ଏବେ ଅନେକ ପ୍ରଶ୍ନ ଉଠିଛି।

ସଦସ୍ୟ ଓ ଜମାକାରୀଙ୍କ ପକ୍ଷରୁ ପ୍ରଶ୍ନ—ସମବାୟରେ ଜମା ହୋଇଥିବା କୋଟି କୋଟି ଟଙ୍କା କେଉଁଠି ଏବଂ କେଉଁ କାର୍ଯ୍ୟରେ ବ୍ୟବହାର ହୋଇଛି ? କେଉଁ ନିଷ୍ପତ୍ତି ଆଧାରରେ ଏହି ଖର୍ଚ୍ଚ ହୋଇଛି ? ସଦସ୍ୟମାନଙ୍କୁ ଏହାର ସମ୍ପୂର୍ଣ୍ଣ ହିସାବ ଦିଆଯାଇଛି କି ?

ଏହା ସହିତ ସମବାୟର ଜମି, ଗୃହ ନିର୍ମାଣ ପ୍ରକଳ୍ପ ଓ ସମ୍ପତ୍ତିର ବର୍ତ୍ତମାନ ସ୍ଥିତି ନେଇ ମଧ୍ୟ ସ୍ୱଚ୍ଛତାର ଦାବି ହେଉଛି। କେତେ ଜଣ ସଦସ୍ୟ ଜମି କିମ୍ବା ଘର ପାଇଛନ୍ତି, କେତେ ଆବେଦନ ବିଚାରାଧୀନ ଅଛି ଏବଂ ସମବାୟର ମୋଟ ସମ୍ପତ୍ତି କେତେ—ଏସବୁ ତଥ୍ୟ ସାର୍ବଜନୀନ କରିବାକୁ ଦାବି ଉଠିଛି।

ଅଭିଯୋଗ ପରେ ମଧ୍ୟ ସମବାୟ ବିଭାଗ ଚୁପ୍ କାହିଁକି ? ସବୁଠାରୁ ବଡ଼ ପ୍ରଶ୍ନ ଏବେ ଭୁବନେଶ୍ୱର ସିନିୟର ARCSଙ୍କ ଭୂମିକାକୁ ନେଇ। ବାରମ୍ବାର ଅଭିଯୋଗ ଉଠୁଥିବା ସତ୍ତ୍ୱେ ଏହି ସମବାୟ ସମ୍ପର୍କରେ ତଦନ୍ତ କାହିଁକି ହେଉନାହିଁ ? ଅଭିଯୋଗଗୁଡ଼ିକ ଉପରେ ବିଭାଗୀୟ ଭାବେ କୌଣସି ପ୍ରାଥମିକ ଯାଞ୍ଚ ହୋଇଛି କି ? ଆହୁରି ଏକ ଚର୍ଚ୍ଚିତ ପ୍ରଶ୍ନ—ସମ୍ପୃକ୍ତ ସୋସାଇଟି ସହ କୌଣସି ଅଧିକାରୀଙ୍କର ବ୍ୟକ୍ତିଗତ ସ୍ୱାର୍ଥ କିମ୍ବା ହିତସମ୍ପର୍କ ରହିଛି କି ? ଯଦି ନାହିଁ, ତେବେ ଅଭିଯୋଗ ଉପରେ ନିରପେକ୍ଷ ଯାଞ୍ଚ ପାଇଁ ପଦକ୍ଷେପ ନେବାରେ ବିଳମ୍ବ କାହିଁକି ?

ସିନିୟର ARCSଙ୍କ ପଦବୀ କେବଳ କାର୍ଯ୍ୟାଳୟୀନ କ୍ରୟବିକ୍ରୟ ଓ କମ୍ପ୍ୟୁଟର କିଣାବିକାରେ ସୀମିତ କି ? ରାଜଧାନୀରେ ସମବାୟ ସଂସ୍ଥାଗୁଡ଼ିକର ଆଇନଗତ ତଦାରଖ ଓ ନିରୀକ୍ଷଣ ଦାୟିତ୍ୱ କିଏ ନେବ—ଏହା ଏବେ ବଡ଼ ପ୍ରଶ୍ନ। ତଦନ୍ତ ହେବ କାହା ଦ୍ୱାରା ?

ଅଭିଯୋଗର ସତ୍ୟାସତ୍ୟ ଜାଣିବା ପାଇଁ ସମବାୟର ବ୍ୟାଙ୍କ ଖାତା, ଅଡିଟ୍ ରିପୋର୍ଟ, ବାର୍ଷିକ ହିସାବ, ଆୟ-ବ୍ୟୟ ବିବରଣୀ, ପରିଚାଳନା କମିଟିର ନିଷ୍ପତ୍ତି, ଜମି ସମ୍ବନ୍ଧୀୟ ଦଲିଲ ଓ ଗୃହ ନିର୍ମାଣ ପ୍ରକଳ୍ପର ରେକର୍ଡ ଯାଞ୍ଚ କରାଯିବା ଆବଶ୍ୟକ। ପ୍ରଶ୍ନ ହେଉଛି—ତଦନ୍ତ କରିବ କିଏ ? କେବେ ହେବ ତଦନ୍ତ ?

ସମବାୟ ଆଇନ ଥିବା ସତ୍ତ୍ୱେ ଯଦି ଖୋଦ ରାଜଧାନୀର ଏକ ସମବାୟ ସଂସ୍ଥା ସମ୍ପର୍କରେ ଉଠୁଥିବା ଗୁରୁତର ଅଭିଯୋଗର ଯାଞ୍ଚ ହୋଇପାରୁନାହିଁ, ତେବେ ସାରା ଓଡ଼ିଶାର ସମବାୟ ବ୍ୟବସ୍ଥାର ସ୍ୱଚ୍ଛତା ଉପରେ ମଧ୍ୟ ଆଲୋଚନାର ଆବଶ୍ୟକତା ରହିଛି।

ସଦସ୍ୟଙ୍କ ଟଙ୍କାର ହିସାବ କେଉଁଠି ?

ସଦସ୍ୟମାନଙ୍କ ପକ୍ଷରୁ ମୂଳ ପ୍ରଶ୍ନ ଗୋଟିଏ— ଟଙ୍କା କେଉଁଠି କି ଗଲା ? କିଏ ଦାୟୀ ? ସମ୍ପୂର୍ଣ୍ଣ ହିସାବ କେବେ ମିଳିବ ?

ଏହି ପ୍ରଶ୍ନର ଉତ୍ତର ଅଭିଯୋଗ କିମ୍ବା ମୌଖିକ ବୟାନରେ ନୁହେଁ, ତଥ୍ୟ, ହିସାବ ଓ ଦଲିଲ ସହିତ ଦିଆଯିବା ଆବଶ୍ୟକ।

ଅବଶ୍ୟ, ଉପରୋକ୍ତ ଅଭିଯୋଗଗୁଡ଼ିକର ସତ୍ୟତା ସ୍ୱାଧୀନ ଓ ନିରପେକ୍ଷ ଯାଞ୍ଚ ପରେ ହିଁ ସ୍ପଷ୍ଟ ହୋଇପାରିବ। ଯଦି କୌଣସି ଆର୍ଥିକ କିମ୍ବା ଆଇନଗତ ଅନିୟମିତତା ପ୍ରମାଣିତ ହୁଏ, ତେବେ ଆଇନ ଅନୁଯାୟୀ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ପଦକ୍ଷେପ ନିଆଯିବା ଉଚିତ। ସଦସ୍ୟଙ୍କ ଟଙ୍କାର ହିସାବ ସ୍ପଷ୍ଟ ହେଉ—ରାଜଧାନୀର ସମବାୟରୁ ହିଁ ଆରମ୍ଭ ହେଉ ସ୍ୱଚ୍ଛତାର ପରୀକ୍ଷା।

ରାଜଧାନୀର ଏକ ସମବାୟର ଅଭିଯୋଗ ଯଦି ତଦନ୍ତ ହୋଇପାରୁନାହିଁ, ତେବେ ସାରା ଓଡ଼ିଶାର ସମବାୟ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ।

# କଳାବଜାରି ହେଉଛି ସାର ଶୋଷଣ ହେଉଛନ୍ତି ଚାଷୀ ପରିବାର

ଭଦ୍ରକ: ଭଦ୍ରକ ଜିଲ୍ଲାରେ ଚଳିତ ବର୍ଷ ବୈତରଣୀ ଓ ସାଳନ୍ଦୀ ନଦୀରେ ବନ୍ୟା ଆସି କୃଷକର ଚାଷଜମି ନଷ୍ଟ କରିଦେଇଥିବା ବେଳେ ଏବେ ପୁଣି ସମାନ ଅବସ୍ଥା ଦେଖାଯାଇଛି। ଯେଉଁ ବ୍ଲକରେ ଏବେ ବନ୍ୟା ପ୍ରଭାବ କମ ରହିଛି ସେଠାରେ ଚାଷୀମାନେ ଚାଷ କାମ ଆରମ୍ଭ କରିଛନ୍ତି। ଜିଲ୍ଲାର ବନ୍ତ, ଭଣ୍ଡାରୀପୋଖରୀ, ତିହିଡି, ଚାନ୍ଦବାଲି, ବାସୁଦେବପୁର, ଭଦ୍ରକ ବ୍ଲକର ଚାଷୀଙ୍କର ଚାଷଜମିରୁ ବନ୍ୟାଜଳ କମିବା ପରେ ସେମାନେ ଚାଷ କାମ ଆରମ୍ଭ କରିଛନ୍ତି। ସେହି ସବୁ ଚାଷୀଙ୍କ ପାଇଁ ଏବେ ସାରର ମୂଲ୍ୟ ବୃଦ୍ଧି ସହ ସାର୍ କଳାବଜାରରେ ବିକ୍ରି ହେବା ଘଟଣା ଚାଷୀଙ୍କୁ ବାଧୁଛି। ଆଷାଢ଼ ମାସ ଠାରୁ ଯେଉଁ ମାନଙ୍କର ଚାଷ କାମ ଆରମ୍ଭ କରି ଧାନ ବୁଣିଥିଲେ, ଆଉ ଯେଉଁ ବିଲରେ ଶ୍ରାବଣ ମାସରେ ତଳି ପକାଇ ଥିଲେ ସେହି ଜମିରେ ବନ୍ୟା ପାଣି ପଶି ଯେଉଁ ଧାନ ଗଛ ଓ ଧାନ ତଳି ନଷ୍ଟ କରିଥିଲେ। ସେହି ସବୁ ଜମିରେ ଏବେ ଧାନ ତଳି ରୁଆ ପୋତା ଆରମ୍ଭ ହୋଇଛି। ଏଥିପାଇଁ ଚାଷୀ ସାର ଆଣି ଏହି ଜମିର ପକାଇବା ପାଇଁ ସମବାୟ ସମିତି କୁ ଯିବା ବେଳକୁ ସବୁ ସମିତି ସାର୍ ଆଣି ରଖୁ ନଥିବା ବେଳେ ଅନେକ ସ୍ଥାନରେ ବେସରକାରୀ ସଂସ୍ଥା ସାର ଆଣି ବିକ୍ରି କରୁଥିବା ବେଳେ ଏହି ସରକୁ ସରକାରଙ୍କ ମୂଲ୍ୟ ଠାରୁ ବହୁତ ଚଢ଼ା ଦରରେ ବିକ୍ରି କରୁଛନ୍ତି। ଅନେକ ବେପାରୀ କଳାବଜାରରେ ସାର୍ ଉଠାଣ କରି ଅଧିକ ମୂଲ୍ୟରେ ସାର୍ ବିକୁଥିବା ବେଳେ ଜିଲ୍ଲାରେ ଚାଷୀ ଶୋଷଣ ରେ ଶୀକାର ହେଉଛନ୍ତି। ବନ୍ୟାରେ ବ୍ୟାପକ ଚାଷଜମି ନଷ୍ଟ ହୋଇଥିବା ବେଳେ ଭଣ୍ଡାରିପୋଖରୀ ବ୍ଲକର ଶତାଧିକ ଚାଷୀ ସାର ନପାଇ ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ବେଳେ ଭଣ୍ଡାରିପୋଖରୀ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେହିପରି ବନ୍ତ ବ୍ଲକରେ ସାର କଳା ବଜାରରେ ବିକ୍ରି ହେଉଛି। ଅଧିକାଂଶ ସମବାୟ ସଂସ୍ଥା ସାର ଉଠାନ କରି ନଥିବା ବେଳେ ଚାଷୀ କଳାବଜାରରେ ସାର୍ କିଣିଛି। ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ନବ ନିର୍ମାଣ କୃଷକ ସଂଗଠନର ନେତା ତ୍ରିଲୋଚନ ପଣ୍ଡା ବନ୍ତର ଚାଷୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ସରକାରଙ୍କର ନିର୍ଦ୍ଧାରିତ ସାର୍ ମୂଲ୍ୟ ୟୁରିଆ ସାର ୫୦କିଲୋ ପ୍ରତି ୨୬୮ ଟଙ୍କା ମୂଲ୍ୟ ରଖିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଚାଷୀଙ୍କ ଠାରୁ ଚଢ଼ା ମୂଲ୍ୟ ୪୦୦ ଟଙ୍କାରୁ ୭୦୦ ଟଙ୍କାରେ ବିକ୍ରି କରାଯାଉଛି। ଡିଏପି ୫୦ କିଲୋ ପ୍ରତି ସରକାରୀ ମୂଲ୍ୟ ୧୩୫୦ ଟଙ୍କା ଥିବା ବେଳେ ଚାଷୀଙ୍କ ଠାରୁ ଚଢ଼ା ମୂଲ୍ୟରେ ୧୭୫୦ ଟଙ୍କାରୁ ୨ ହଜାର ୨୦୦ ଟଙ୍କା ନିଆଯାଉଛି। ସେହିପରି ପଟାଶ ଏମ୍ଓପି ଉପରେ ୧୭୧୦ ଟଙ୍କା ନେବା ଜାଗାରେ ନିଆଯାଉଛି ୨୨୦୦ରୁ ୨୩୦୦ ଟଙ୍କା। ଏନ୍‌ପିକେ ୨୦-୨୦-୦ ସାର୍ ମୂଲ୍ୟ ୧୨୦୦ ଟଙ୍କା ସରକାରୀ ମୂଲ୍ୟ ଥିବା ବେଳେ ଚାଷୀଙ୍କ ଠାରୁ ନିଆ ଯାଉଛି ୨୨୦୦ ଟଙ୍କା। ଏନ୍‌ପିକେ ୨୦-୨୦-୧୩ର ସରକାରୀ ମୂଲ୍ୟ ୧୫୦୦ ଟଙ୍କା ଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ସାର ବିକ୍ରୟ କେନ୍ଦ୍ରରେ ଚାଷୀଙ୍କ ଠାରୁ ଚଢ଼ା ମୂଲ୍ୟରେ ୨୨୦୦ ଟଙ୍କାରେ ବିକ୍ରି କରାଯାଉଛି। ଏହିଭଳି ଭାବରେ ସାର ବିକ୍ରି ବେଳେ ଚାଷୀଙ୍କୁ ଶୋଷଣ କରାଉଥିବା ବେଳେ ଚାଷୀମାନେ ଏହାର ପ୍ରତିବାଦ କଲେ ଫଳ କିଛି ମିଳୁ ନାହିଁ। ପ୍ରଶାସନ ସାର ଯୋଗାଣ ଉପରେ କଡ଼ାକଡ଼ି ବ୍ୟବସ୍ଥା କରିବା ସହ ଚଢ଼ା ଦରରେ ସାର ବିକ୍ରି କରୁଥିବା ବ୍ୟବସାୟୀଙ୍କ ଡିପୋ ଉପରେ ଚଢ଼ାଉ କରାଯାଇ ବୋଲି ଚାଷୀ ଦାବି କରିଛନ୍ତି। ଏହାର ଫାଇଦା ଉଠାଇବାକୁ ଯୋଜନା କରୁଛନ୍ତି ସାର୍ ବେପାରୀ।

### ଓଏସ୍-ସିଆଇଟି ମାଧ୍ୟମରେ ଆଇଟି ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶୁଭାରମ୍ଭ

## ସମବାୟକୁ ଅଧିକ ସ୍ୱଚ୍ଛ, ଆତ୍ମନିର୍ଭରଶୀଳ କରାଯିବ

ଭୁବନେଶ୍ୱର: ଓଡ଼ିଶାରେ ସମବାୟକୁ ଅଧିକ ଅଧୁନିକ, ପ୍ରଯୁକ୍ତି ନିର୍ଭରଶୀଳ କରାଯିବ । ସମବାୟକୁ ଅଧିକ ସ୍ୱଚ୍ଛ ଦକ୍ଷ ଓ ଆତ୍ମନିର୍ଭର କରିବା ଲାଗି ପ୍ୟାକ୍ସ ଓ ଲ୍ୟାମ୍ପସ୍ ଅଧିକାରୀଙ୍କ ଦକ୍ଷତା ବୃଦ୍ଧି କରାଯିବ। ସେଥିପାଇଁ ଓଡ଼ିଶା ଷ୍ଟେଟ୍ ସାଟିଫିକେଟ୍ ଇନ୍ ଇନ୍‌ଫରମେସନ୍ ଟେକ୍ନୋଲୋଜି (ଓଏସ୍-ସିଆଇଟି) ମାଧ୍ୟମରେ ସେମାନଙ୍କ ଆଇଟି ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ଲୋକସେବା ଭବନରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭରମ୍ଭ କରିଥିଲେ । ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଲ୍ୟାମ୍ପସ୍ ଅଧିକାରୀମାନେ ଭର୍ଚୁଆଲ୍ ମାଧ୍ୟମରେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ସମବାୟ ବିଭାଗ ସହଯୋଗରେ ଓଡ଼ିଶା ନଲେଜ କର୍ପୋରେସନ୍ ଲିମିଟେଡ୍ ଦ୍ୱାରା ଏହି ପ୍ରଶିକ୍ଷଣ କାର୍ଯ୍ୟକାରି କରାଯାଉଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟର ୨,୭୧୧ଟି ପ୍ୟାକ୍ସ, ୫,୪୨୨ ଜଣ ଅଧିକରୀଙ୍କୁ ପ୍ରଶିକ୍ଷଣ ଦେବାର ଲକ୍ଷ୍ୟ ରହିଛି।




ପ୍ରଶିକ୍ଷଣ ପାଇଁ ନାମ ପଞ୍ଜିକରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଛି। ପ୍ରଶିକ୍ଷଣର ଔପଚାରିକ ଶୁଭାରମ୍ଭ ହୋଇଛି। ରାଜ୍ୟବ୍ୟପୀ ୫୪୦ଟି ଶିକ୍ଷାକେନ୍ଦ୍ର ମାଧ୍ୟମରେ ଏହି ପ୍ରଶିକ୍ଷଣ ଦିଆଯାଉଛି । ଏହା ମଧ୍ୟମରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟରତ ପ୍ୟାକ୍ସ, ଲ୍ୟାମ୍ପସ୍ ଅଧିକାରୀ ନିଜ ଅଞ୍ଚଳ ପ୍ରଶିକ୍ଷଣ ଗ୍ରହଣ କରିପାରିବେ। ବର୍ତ୍ତମାନ ସମବାୟ ବିଭାଗ ପକ୍ଷରୁ ପ୍ୟାକ୍ସର ନ୍ୟାସନାଲ ଲେବୁଲ ପିଏସିଏସ୍ ସଫ୍‌ଟୱେୟାର ଆଧାରିତ ଡିଜିଟାଲ୍ ରୂପାନ୍ତରଣ, ନିବନ୍ଧନ, ସମବାୟ ସମିତିଙ୍କ କାର୍ଯ୍ୟାଳୟର କମ୍ପ୍ୟୁଟରୀକରଣ ଏବଂ ସମବାୟ କାର୍ଯ୍ୟାଳୟର ରେକର୍ଡ ଡିଜଟାଇଜେସନ୍ ଭଳି ବିଭିନ୍ନ ପଦକ୍ଷେପ ନିଆଯାଉଛି ।

ଓଏସ୍-ସିଆଇଟ ପ୍ରଶିକ୍ଷଣର ଉଦ୍ଦେଶ୍ୟ ହେଉଛି ପ୍ୟାକ୍ସ ଓ ଲ୍ୟାମ୍ପସ୍ ଅଧିକରୀଙ୍କୁ ମୌଳିକ କମ୍ପ୍ୟୁଟର ଜ୍ଞାନ, ବିଭାଗର କାର୍ଯ୍ୟପ୍ରଣାଳୀ ଓ ଆଇଟି ଉପକରଣର ବ୍ୟବହାରରେ ଦକ୍ଷ କରିବା। ଏହାଦ୍ୱାରା ସମବାୟ ସଂସ୍ଥାରେ ଦୈନନ୍ଦିନ କାର୍ଯ୍ୟ ଅଧିକ ଦ୍ରୁତ, ସ୍ୱଚ୍ଛ ଓ ଦକ୍ଷ ହୋଇପାରିବ।

ଏହି ଅବସରରେ କମିଶନର ତଥା ସଚିବ, ସମବାୟ ବିଭାଗ ରାଜେଶ ପ୍ରଭାକର ପାଟିଲ, ସମବାୟ ସମିତି ନିବନ୍ଧକ ମନୀଷ ଅଗ୍ରୱାଲ, ସମବାୟ ସମିତିର ଅତିରିକ୍ତ ନିବନ୍ଧର ଭକ୍ତବନ୍ଧୁ ସାହୁ ଓ ପରିଚାଳନା ନିର୍ଦ୍ଦେଶକ ଡଃ ମନୋରଞ୍ଜନ ପୁଥାଲଙ୍କ ସମେତ ବରିଷ୍ଠ ଅଧିକରୀ ଉପସ୍ଥିତ ଥିଲେ ।

## ମାର୍କଫେଡ୍ ଗୋଦାମ ପରିଦର୍ଶନ କଲେ RCS ଓ ଅତିରିକ୍ତ ଶାସନ ସଚିବ, ସମସ୍ତ ଗୋଦାମରେ CCTV ଲଗାଇବାକୁ ନିର୍ଦ୍ଦେଶ

ଗଜପତି: ଗଜପତି ଜିଲ୍ଲାର ପାରଳାଖେମୁଣ୍ଡିସ୍ଥିତ ମାର୍କଫେଡ୍ (**MARKFED**) ଗୋଦାମକୁ ଓଡ଼ିଶା ସମବାୟ ସମିତି ସମୂହର ନିବନ୍ଧକ (**RCS**) ଶ୍ରୀ ମନୀଷ ଅଗ୍ରୱାଲ ଏବଂ ସମବାୟ ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀ ସଂଗ୍ରାମ ରାଉତ ପରିଦର୍ଶନ କରିଛନ୍ତି । ପରିଦର୍ଶନ ସମୟରେ ଅଧିକାରୀଦ୍ୱୟ ଗୋଦାମର ପରିଚାଳନା ବ୍ୟବସ୍ଥା, ସାର ଓ ଅନ୍ୟାନ୍ୟ କୃଷି ସାମଗ୍ରୀର ସଂରକ୍ଷଣ, ମହଜୁଦ ସ୍ଥିତି ଏବଂ କୃଷକମାନଙ୍କ ନିକଟକୁ ସୁଚାରୁ ବଣ୍ଟନ ବ୍ୟବସ୍ଥାର ସମୀକ୍ଷା କରିଥିଲେ । ସେମାନେ ସଂରକ୍ଷଣ ଓ ବିତରଣ ପ୍ରକ୍ରିୟାକୁ ଅଧିକ ଦକ୍ଷ, ସ୍ୱଚ୍ଛ ଓ



ପାରଦର୍ଶୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ **RCS** ଶ୍ରୀ ମନୀଷ ଅଗ୍ରୱାଲ ସାରର ସଂରକ୍ଷଣ, ପରିବହନ ଏବଂ ବିତରଣ ବ୍ୟବସ୍ଥାରେ ପୂର୍ଣ୍ଣ ପାରଦର୍ଶିତା ସୁନିଶ୍ଚିତ କରିବା ଲକ୍ଷ୍ୟରେ ରାଜ୍ୟର ସମସ୍ତ ମାର୍କଫେଡ୍ ଗୋଦାମରେ ସିସିଟିଭି (**CCTV**) କ୍ୟାମେରା ସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପଦକ୍ଷେପ ମାଧ୍ୟମରେ ଗୋଦାମ ପରିଚାଳନା ବୃଦ୍ଧି ସହିତ ସାର ବିତରଣ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ସୁରକ୍ଷିତ ଓ ବିଶ୍ୱସନୀୟ କରାଯିବ ବୋଲି ଆଶା କରାଯାଉଛି। ଏହି ପରିଦର୍ଶନ ସମବାୟ କ୍ଷେତ୍ରରେ ଉନ୍ନତ ପରିଚାଳନା, ପାରଦର୍ଶିତା ଏବଂ କୃଷକମାନଙ୍କୁ ସମୟୋପଯୋଗୀ ସେବା ଯୋଗାଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଛି।

## ରାୟଗଡ଼ା ଜିଲ୍ଲାରେ RCSଙ୍କ ଗସ୍ତ, ଲ୍ୟାମ୍ପସ, ସାର ମହଜୁଦ ଓ ସମବାୟ କାର୍ଯ୍ୟକଳାପର ସମୀକ୍ଷା

ରାୟଗଡ଼ା: ଓଡ଼ିଶା ସମବାୟ ସମିତି ସମୂହର ନିବନ୍ଧକ (**RCS**) ଶ୍ରୀ ମନୀଷ ଅଗ୍ରୱାଲ ଏବଂ ସମବାୟ ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀ ସଂଗ୍ରାମ କେଶରୀ ରାଉତ ରାୟଗଡ଼ା ଜିଲ୍ଲା ଗସ୍ତ ଅବସରରେ ଗୁଣୁପୁର, ପଦ୍ମପୁର ଓ ରାମନାଗୁଡ଼ା ଲ୍ୟାମ୍ପସ (**LAMPCS**) ପରିଦର୍ଶନ କରିଥିଲେ । ଏହି ଗସ୍ତ ସମୟରେ ସେମାନେ ସ୍ଥାନୀୟ ଚାଷୀମାନଙ୍କ ସହ ଆଲୋଚନା କରି କୃଷି ଋଣ, ସାର ଯୋଗାଣ, ଧାନ ସଂଗ୍ରହ ଓ ସମବାୟ ସେବା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ସେମାନଙ୍କ ମତାମତ ଓ ସମସ୍ୟା ଶୁଣିଥିଲେ। ସମବାୟ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ଚାଷୀମୁଖୀ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ଏହା ସହିତ, **RCS** ବିଭିନ୍ନ ସମବାୟ ସମିତିର ଗୋଦାମ ଏବଂ **MARKFED** ବଫର୍ ଗୋଦାମ ପରିଦର୍ଶନ କରି ଗଚ୍ଛିତ ସାରର ମହଜୁଦ ସ୍ଥିତି ଅନୁଧ୍ୟାନ କରିଥିଲେ। ସାରର ପର୍ଯ୍ୟାପ୍ତ ମହଜୁଦ, ସଠିକ୍ ସଂରକ୍ଷଣ ଏବଂ ଚାଷୀମାନଙ୍କୁ ସମୟୋପଯୋଗୀ ବଣ୍ଟନ ନିଶ୍ଚିତ କରିବା ଉପରେ ସେ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ । ପରେ ରାୟଗଡ଼ା ଜିଲ୍ଲାପାଳଙ୍କ ଉପସ୍ଥିତିରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ସାର ମହଜୁଦ, ବଣ୍ଟନ ବ୍ୟବସ୍ଥା ଏବଂ ଜିଲ୍ଲାର ବିଭିନ୍ନ ସମବାୟ କାର୍ଯ୍ୟକଳାପର ଅଗ୍ରଗତି ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ସମବାୟ ସଂସ୍ଥାଗୁଡ଼ିକର କାର୍ଯ୍ୟଦକ୍ଷତା ବୃଦ୍ଧି, ଚାଷୀମାନଙ୍କୁ ଉନ୍ନତ ସେବା ପ୍ରଦାନ ଏବଂ ସାର ବଣ୍ଟନରେ ସ୍ୱଚ୍ଛତା ଓ ଦକ୍ଷତା ବଜାୟ ରଖିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସଂପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା ।



# ସ୍ୱାଧୀନ ଭାରତର ଗୌରବମୟ ଯାତ୍ରାରେ, ଆଜି ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡି ହୋଇଛି: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର: ୮୦ତମ ସ୍ୱାଧୀନତା ଦିବସ ଅବସରରେ ରାଜ୍ୟବାସୀ ତଥା ଦେଶ ଓ ବିଦେଶରେ ବସବାସ କରୁଥିବା ପ୍ରତ୍ୟେକ ଭାରତୀୟଙ୍କୁ ମୋର ଅଭିନନ୍ଦନ ଓ ଶୁଭେଚ୍ଛା। ସ୍ୱାଧୀନ ଭାରତର ଗୌରବମୟ ଯାତ୍ରାରେ, ଆଜି ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡି ହୋଇଯାଇଛି। ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସ, କେବଳ ଏକ ସଂଗ୍ରାମର କାହାଣୀ ନୁହେଁ, ଏହା ଥିଲା ରାଷ୍ଟ୍ର ଗଠନର ପ୍ରଥମ ପାହାଚ।

ମହାତ୍ମା ଗାନ୍ଧୀ'ଙ୍କ ନେତୃତ୍ୱରେ ବିଭିନ୍ନ ବିଚାରଧାରାର ସ୍ୱାଧୀନତା ସଂଗ୍ରାମୀମାନେ, ଗୋଟିଏ ମଞ୍ଚରେ ଆସି, ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ଏକଜୁଟ୍ ହୋଇଥିଲେ। 'ସତ୍ୟାଗ୍ରହ' ଓ 'ଅହିଂସା' ମନ୍ତ୍ରରେ ଉଦ୍‌ବୁଦ୍ଧ ହୋଇ, ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ଏକ ଲମ୍ବା ଲଢେଇ ଚାଲିଥିଲା । ଏଥି ସହିତ ସମାନ୍ତରାଳ ଭାବେ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ଶହିଦ ଭଗତ ସିଂ'ଙ୍କ ପରି ମହାନ କ୍ରାନ୍ତିକାରୀମାନେ ସଶସ୍ତ୍ର ସଂଗ୍ରାମ କରିଥିଲେ। କିନ୍ତୁ, ମୋଟାମୋଟି ଭାବେ ଏହି ସ୍ୱାଧୀନତା ସଂଗ୍ରାମର ମୁଖ୍ୟ ଆଧାର ଥିଲା ଅହିଂସା। ଫଳସ୍ୱରୂପ, ୮୦ ବର୍ଷ ତଳେ, ଆଜିର ଦିନରେ ଆମ ଦେଶ ସ୍ୱାଧୀନ ହୋଇଥିଲା।

**ସହିଦମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ**

ଏହି ମହାସଂଗ୍ରାମରେ ତ୍ୟାଗ ଓ ବଳିଦାନ ଦେଇଥିବା ମହାନ୍ ସ୍ୱତନ୍ତ୍ରତା ସଂଗ୍ରାମୀ ପଣ୍ଡିତ ଜବାହାରଲାଲ୍ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ବାଲ ଗଙ୍ଗାଧର ତିଲକ, ବୀର୍ ସବରକର୍, ସହୀଦ ଭଗତ ସିଂ, ଚନ୍ଦ୍ରଶେଖର ଆଜାଦ, ଡକ୍ଟର ବାବା ସାହେବ ଆମ୍ବେଦକର, ଡକ୍ଟର ରାଜେନ୍ଦ୍ର ପ୍ରସାଦ, ଲାଲ ବାହାଦୂର ଶାସ୍ତ୍ରୀ, ମୌଲାନା ଆଜାଦଙ୍କ ପରି ମହାନ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ସହିତ ଲକ୍ଷେ ଲକ୍ଷ ସଂଗ୍ରାମୀ ମାନଙ୍କୁ ମୁଁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।ଦେଶର ଅନ୍ୟାନ୍ୟ ରାଜ୍ୟ ପରି ଆମ ରାଜ୍ୟ ଓଡିଶା ମାଟିର ବୀର ସନ୍ତାନମାନେ ମଧ୍ୟ, ଦେଶର ସ୍ୱାଧୀନତା ପାଇଁ ସଂଗ୍ରାମ କରିଥିଲେ। ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶାର ନେତୃବୃନ୍ଦଙ୍କ ଅସୀମ ତ୍ୟାଗ ଓ ସଂଘର୍ଷ, ଓଡ଼ିଶାକୁ ଜାତୀୟ ଆନ୍ଦୋଳନର ମୁଖ୍ୟ ସ୍ରୋତରେ ସାମିଲ କରିଥିଲା । ଆଜିର ପବିତ୍ର ଦିନରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ନବକୃଷ୍ଣ ଚୌଧୁରୀ, ଗୋପବନ୍ଧୁ ଚୌଧୁରୀ, ଶହୀଦ ଲକ୍ଷ୍ମଣ ନାୟକ, ବୀର ସୁରେନ୍ଦ୍ର ସାଏ, ସହିଦ୍ ମାଧୋ ସିଂ, ଚକରା ବିଶୋଇ, ରେଣ୍ଡୋ ମାଝୀ, ମା' ରମାଦେବୀ, ମା' ମାଳତୀ ଚୌଧୁରୀ, ଡକ୍ଟର ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକ, ମା' ପାର୍ବତୀ ଗିରି ଓ ସରଳା ଦେବୀଙ୍କ ପରି ମହାନୁଭବଙ୍କ ବଳିଦାନକୁ ମନେ ପକାଇ, ସେମାନଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ଆପଣମାନେ ଜାଣିଛନ୍ତି ୧୮୫୭ ମସିହାର ସିପାହୀ ବିଦ୍ରୋହର ପ୍ରାୟ ୪୦ ବର୍ଷ ପୂର୍ବରୁ, ୧୮୧୭ ମସିହାରେ ଓଡ଼ିଶା ମାଟିରୁ ଆରମ୍ଭ ହୋଇଥିଲା ପାଇକ ବିଦ୍ରୋହ। ଏହି ବିଦ୍ରୋହର ପୁରୋଧା ସାଜିଥିବା ମହାନାୟକ ବକ୍ସି ଜଗବନ୍ଧୁ ଓ ଜୟୀ ରାଜଗୁରୁଙ୍କ ପରି ମହାନ୍ ଦେଶପ୍ରେମୀ ଓ ବୀର ଯୋଦ୍ଧାଙ୍କ ପ୍ରତି ମୋର ଭକ୍ତିପୂତ ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ଓଡିଶାର ଜନ ଆନ୍ଦୋଳନ ବିନା, ସ୍ୱାଧୀନତା ସଂଗ୍ରାମର କାହାଣୀ ଅକଳ୍ପନୀୟ। ରକ୍ତତୀର୍ଥ ଇରମ୍ , ଘୁମୁସର ବିଦ୍ରୋହ, ପ୍ରଜାମଣ୍ଡଳ ସଂଗ୍ରାମ, କନ୍ଧ ବିଦ୍ରୋହ, ସମ୍ବଲପୁର ବିଦ୍ରୋହ, କେନ୍ଦୁଝରର ଭୂୟାଁ ବିଦ୍ରୋହ, କୋରାପୁଟର ଆଦିବାସୀ ବିଦ୍ରୋହ ଆଦି, ଭାରତୀୟ ସ୍ୱାଧୀନତା ସଂଗ୍ରାମକୁ ଆହୁରି ଶାଣିତ କରିଥିଲା।

ଏହି ସମସ୍ତ ଜନଜାତି ଆନ୍ଦୋଳନକାରୀ ମାନଙ୍କ ବୀରତ୍ୱ ଓ ବଳିଦାନ ସବୁଦିନ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ସ୍ୱାଧୀନତା ପରବର୍ତ୍ତୀ କାଳରେ ଏ ଦେଶର ସୁରକ୍ଷା ଓ ଅଖଣ୍ଡତା ବଜାୟ ରଖିଥିବା ପ୍ରତିରକ୍ଷା ବାହିନୀ ଓ ଅନ୍ୟାନ୍ୟ ସୁରକ୍ଷା ବାହିନୀର ବୀର ଯବାନ ମାନଙ୍କୁ ମୁଁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

ସ୍ୱାଧୀନତା ସଂଗ୍ରାମକୁ କାଶ୍ମୀର'ରୁ କନ୍ୟାକୁମାରୀ, ଗୁଜୁରାଟ'ରୁ ଅରୁଣାଚଳ ପ୍ରଦେଶ ପର୍ଯ୍ୟନ୍ତ ଏକତାର ସୂତ୍ରରେ ବାନ୍ଧିଥିଲା, ଆମ ରାଷ୍ଟ୍ରଗୀତ 'ବନ୍ଦେ ମାତରମ୍' ଏବଂ ଆମ ଜାତୀୟ ପତାକା 'ତ୍ରିରଙ୍ଗା'।

ଭାରତ ଆଜି ବିଶ୍ୱର ଏକ ବୃହତ୍ ଅର୍ଥନୀତିରେ ପରିଣତ ହୋଇଛି। ଆଜି ପୁଣିଥରେ ବନ୍ଦେ ମାତରମ୍ ଏବଂ ତ୍ରିରଙ୍ଗାକୁ ଘରେ ଘରେ ପହଞ୍ଚାଇବା ପାଇଁ ମାନନୀୟ ପ୍ରଧାନମନ୍ତ୍ରୀ ଯେଉଁ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି, ତାହା ଆଜି ଭାରତୀୟମାନଙ୍କ ମନରେ ଦେଶପ୍ରେମର ବହ୍ନିକୁ ପୁନଃ ପ୍ରଜ୍ୱଳନ କରିଛି। ଆଜି ଆମ ଦେଶ ସ୍ୱାଧୀନତାର ୭୯ ବର୍ଷ ଅତିକ୍ରାନ୍ତ କରି ୮୦ ବର୍ଷରେ ପହଞ୍ଚିଛି। ଏହି ୮୦ ବର୍ଷରେ ଭାରତ ତା'ର ବିକାଶ ଯାତ୍ରାରେ ଅଗ୍ରସର ହୋଇ ଆଜି ବିଶ୍ୱର ଏକ ବୃହତ୍ ଅର୍ଥନୀତିରେ ପରିଣତ ହୋଇଛି ।

ଗତ ଏକବର୍ଷ ଥିଲା ଅତ୍ୟନ୍ତ ଘଟଣା ବହୁଳ। ଭାରତ ଉଭୟ ଆଭ୍ୟନ୍ତରୀଣ ଓ ଅନ୍ତର୍ଜାତୀୟ ସ୍ତରରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲା । କିନ୍ତୁ ମାନନୀୟ ପ୍ରଧାନମନ୍ତ୍ରୀ ସଠିକ୍ ସମୟରେ ସଠିକ୍ ନିଷ୍ପତ୍ତି ନେଇ, ଦେଶର ଆର୍ଥିକ ସ୍ଥିତିକୁ ସୁରକ୍ଷିତ ରଖିବା ସହିତ ମଜବୁତ୍ କରିଛନ୍ତି। ସ୍ୱାଧୀନତା ପରବର୍ତ୍ତୀ କାଳରେ ଦେଶର ବିକାଶ ସବୁଠାରୁ ବଡ଼ ଆହ୍ୱାନ ଥିଲା। ସବୁ ସରକାର ନିଜ ସାଧ୍ୟ ଓ ସାମର୍ଥ୍ୟ ମୁତାବକ ଦେଶର ବିକାଶ ପାଇଁ ସେମାନଙ୍କର ଅବଦାନ ଦେଇଥିଲେ। କିନ୍ତୁ, ସ୍ୱାଧୀନତାର ଅଠଷଠି ବର୍ଷରେ ବିକାଶର ଗତି ଯେତେ ଆଶାନୁରୂପ ହେବା କଥା, ତାହା ହୋଇ ପାରି ନ ଥିଲା। କିନ୍ତୁ, ମାନନୀୟ ପ୍ରଧାନମନ୍ତ୍ରୀ ମୋଦୀଜୀ ଦେଶର ଶାସନ ଭାର ସମ୍ଭାଳିବା ପରେ, ନୂତନ ଭାରତର ନିର୍ମାଣ ଯଥାର୍ଥରେ ଆରମ୍ଭ ହୋଇଥିଲା। ୨୦୧୪ ମସିହାର ସ୍ୱାଧୀନତା ଦିବସ ସମ୍ବୋଧନରେ 'ସ୍ୱଚ୍ଛ ଭାରତ'ର ନାରାରୁ ଆରମ୍ଭ ହୋଇଥିଲା ନୂତନ ଭାରତର ନିର୍ମାଣ। ଏହି ବାର ବର୍ଷ ମଧ୍ୟରେ ଗୋଟିଏ ପରେ ଗୋଟିଏ ଦୂରଦର୍ଶୀ ନିଷ୍ପତ୍ତି ନେଇ ଦେଶକୁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ସ୍ତରରେ, ବିଶ୍ୱର ଏକ ଅଗ୍ରଣୀ ରାଷ୍ଟ୍ର ଭାବେ ସେ ପ୍ରତିଷ୍ଠିତ କରିଛନ୍ତି।

ଆଜିର ଭାରତ ହେଉଛି ଆତ୍ମବିଶ୍ୱାସ, ଆତ୍ମନିର୍ଭର ଓ ଆତ୍ମସମ୍ମାନରେ ଭରା ଭାରତ। ଆମ ଦେଶର ଆତ୍ମା ହେଉଛନ୍ତି ଆମ ଦେଶର ନାଗରିକ। ସେମାନେ ତାଙ୍କର ଛୋଟ ଛୋଟ ସମସ୍ୟାର ଆଶୁ ନିରାକରଣ ଚାହାନ୍ତି। ଯାହାକୁ ମାନ୍ୟବର ପ୍ରଧାନମନ୍ତ୍ରୀ ମୋଦୀଜୀ ପୂରଣ କରିବାରେ ସହାୟକ ହୋଇପାରିଛନ୍ତି ।



## ପଲ୍ଲୀରୁ ଦିଲ୍ଲୀ ଯାଏଁ... ସବୁଠି ପାଳିତ ହେଲା ସ୍ୱାଧୀନତା ଦିବସ

ନୂଆଦିଲ୍ଲୀ: ୧୯୪୭ ମସିହାରେ ବ୍ରିଟିଶ ଉପନିବେଶବାଦୀ ଶାସନରୁ ମୁକ୍ତ ହୋଇଥିବା ଭାରତ ୭୯ ବର୍ଷର ସ୍ୱାଧୀନତା ଯାତ୍ରା ପୂରଣ କରିଛି। ୨୦୨୬ ଅଗଷ୍ଟ ୧୫ରେ ଦେଶ ପାଳନ କରୁଛି ୮୦ତମ ସ୍ୱାଧୀନତା ଦିବସ। ପଲ୍ଲୀଠାରୁ ମହାନଗର, ସୀମାନ୍ତ ଅଞ୍ଚଳଠାରୁ ରାଜଧାନୀ— ସବୁଠି ଦେଖିବାକୁ ମିଳୁଛି ଦେଶପ୍ରେମ ଓ ଉତ୍ସାହର ମାହୋଲ। ପୂର୍ବରେ ଅରୁଣାଚଳ ପ୍ରଦେଶର ଅଞ୍ଜାଠାରୁ ପଶ୍ଚିମରେ ରାଜସ୍ଥାନର ଜୈସଲମେର ଓ ପାକିସ୍ତାନ ସୀମା ନିକଟସ୍ଥ ତନୋଟ ପର୍ଯ୍ୟନ୍ତ, ଉତ୍ତରରେ ଲଦାଖର ଏଲ୍‌ଓସି ନିକଟବର୍ତ୍ତୀ ଥାଙ୍ଗଠାରୁ ଦକ୍ଷିଣରେ ତାମିଲନାଡୁର ରାମେଶ୍ୱରମ୍ ପର୍ଯ୍ୟନ୍ତ ସ୍ୱାଧୀନତା ଦିବସର ଉତ୍ସାହ ଦେଖିବାକୁ ମିଳୁଛି। ଦୁର୍ଗମ ଅଞ୍ଚଳର ଗାଁଠାରୁ ଆରମ୍ଭ କରି ସହର, ନଗର ଓ ମହାନଗର ପର୍ଯ୍ୟନ୍ତ ସ୍ୱାଧୀନତା ଦିବସ ଅବସରରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ, ପତାକା ଉତ୍ତୋଳନ ଓ ବିଭିନ୍ନ ଉତ୍ସବର ଆୟୋଜନ କରାଯାଉଛି। ତ୍ରିରଙ୍ଗା ତଳେ ଏକାଠି ହୋଇ କୋଟି କୋଟି ଭାରତୀୟ ନିଜ ଦେଶର ସ୍ୱାଧୀନତାକୁ ନେଇ ଗର୍ବ ଅନୁଭବ କରୁଛନ୍ତି। ଜାତୀୟ ରାଜଧାନୀ ନୂଆଦିଲ୍ଲୀର ଐତିହାସିକ ଲାଲକିଲ୍ଲାରେ ଆୟୋଜିତ ହେବାକୁ ଥିବା ମୁଖ୍ୟ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ପତାକା ଉତ୍ତୋଳନ କରିବା ସହ ଦେଶବାସୀଙ୍କୁ ସମ୍ବୋଧିତ କରିଥିଲେ। ଏହା ସହ ଦେଶର ବିଭିନ୍ନ ରାଜ୍ୟରେ ମଧ୍ୟ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ଜନପ୍ରତିନିଧିଙ୍କ ଉପସ୍ଥିତିରେ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ ଆୟୋଜିତ ହେବ। 'ହର ଘର ତିରଙ୍ଗା' ଅଭିଯାନ ଅଧୀନରେ ଦେଶର ବିଭିନ୍ନ ସ୍ଥାନରେ ଲୋକେ ଘରେ ଘରେ ତ୍ରିରଙ୍ଗା ଉଡ଼ାଇବା ସହ ଦେଶାତ୍ମବୋଧକ କାର୍ଯ୍ୟକ୍ରମରେ ସାମିଲ ହେଉଛନ୍ତି।

## ଚାଷୀଙ୍କ ୨୧ ଲକ୍ଷ ୨୮ ହଜାର ଟଙ୍କା ହରିଲୁଟ୍: ସମବାୟ ସମିତିର ପୂର୍ବତନ ସମ୍ପାଦକ ଗିରଫ

କଟକ: କଟକ ଜିଲ୍ଲା ବାଙ୍କୀ ଆନନ୍ଦପୁର ସେବା ସମବାୟ ସମିତି ଓ ପ୍ରାଥମିକ କୃଷି କ୍ରେଡିଟ୍ ସୋସାଇଟିରୁ ଚାଷୀଙ୍କ କୃଷି ଋଣ ପରିଶୋଧ ଟଙ୍କା ହଡ଼ପ କରିବା ଘଟଣାରେ ପୂର୍ବତନ ସମ୍ପାଦକ ଶରତ କୁମାର ନାୟକଙ୍କୁ ଭିଜିଲାନ୍ସ ଗିରଫ କରିଛି। ଉକ୍ତ ସୋସାଇଟିରୁ ୨୧ ଲକ୍ଷ ୨୮ ହଜାର ଟଙ୍କା ହରିଲୁଟ୍ କରିବା ଘଟଣାରେ ସେ ଗିରଫ ହୋଇଥିବା ସୂଚନା ମିଳିଛି। ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟ ଅଭିଯୁକ୍ତ ଶ୍ରୀ ନାୟକର ଜମିନ ନାମଞ୍ଜୁର କରିବାରୁ ତାକୁ ଚୌଦ୍ୱାର ସର୍କଲ ଜେଲକୁ ପଠାଇ ଦିଆଯାଇଛି। ଏହା ପୂର୍ବରୁ ସମବୟ ସଂସ୍ଥା ଅଭିଯୁକ୍ତକୁ ଦୁଇ ବର୍ଷ ତଳେ ଚାକିରିରୁ ବହିଷ୍କାର କରିଥିଲା ।

ଆନନ୍ଦପୁର ସେବା ସମବାୟ ସମିତି ଓ ପ୍ରାଥମିକ କୃଷି କ୍ରେଡିଟ୍ ସୋସଇଟିରେ ଦୀର୍ଘ ବର୍ଷ ହେଲା ସମ୍ପାଦକ ଦାୟିତ୍ୱରେ ଥିବା ଅଭିଯୁକ୍ତ ଶରତ ନାୟକ ୨୦୨୧-୨୨ ଆର୍ଥିକ ବର୍ଷରେ ୨୧ ଲକ୍ଷ ୨୮ ହଜାର ୫୮ ଟଙ୍କା ହଡ଼ପ କରିଥିବାର ସମବାୟ ସଂସ୍ଥା କରିବାକୁ ପାଇଥିଲା । ସମବୟ ସମିତିରୁ ଋଣ ନେଇଥିବା ଚାଷୀମାନେ ଦୈନନ୍ଦିନ ଟଙ୍କା ପରିଶୋଧ କରୁଥିଲେ । ଏହି ଟଙ୍କାକୁ ଶ୍ରୀ ନାୟକ ଲେଜର ବୁକ୍‌ରେ ଉଠାଉଥିଲେ ହେଁ ଠିକ୍ ଭାବେ ଟଙ୍କା ଜମ କରୁଥିଲା । ପ୍ରତି ମାସରେ ଦୁଇରୁ ତିନି ଲକ୍ଷ ଟଙ୍କା ସେ ହଡ଼ପ କରୁଥିଲା। ଏଥିଲାଗି ସେ ସମିତିର କାଗଜପତ୍ରରେ ବହୁ ଚଞ୍ଚକତା କରିଥିଲା। ଗୋଟିଏ ଆର୍ଥିକ ବର୍ଷରେ ସେ ୨୧ ଲକ୍ଷରୁ ଅଧିକ ବାଟମରଣା କରିଥିବା ଜଣାପଡ଼ିବା ପରେ ଉକ୍ତ ଟଙ୍କା ଫେରସ୍ତ କରିବା ପାଇଁ ସମବାୟ ସଂସ୍ଥା ଅଭିଯୁକ୍ତ ଶ୍ରୀ ନାୟକଙ୍କୁ ନୋଟିସ୍ ଦେଇଥିଲା । ଏହାକୁ ଦେଖାରଖି କରିବାରୁ ତାକୁ ଚାକିରିରୁ ନିଲମ୍ବନ କରାଯାଇଥିଲା। ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ସେ ସମବାୟ ସମିତିରେ



ଟଙ୍କା ଜମା ନକରିବାରୁ ଅଭିଯୁକ୍ତ ଶ୍ରୀ ନାୟକଙ୍କୁ ସମବାୟ ସଂସ୍ଥା ଚାକିରିରୁ ଦୁଇ ବର୍ଷ ତଳେ ବହିଷ୍କାର କରିଥିଲା। ଅଧିକ ତଦନ୍ତ ଲାଗି ଭିଜିଲାନ୍ସକୁ ମାମଲା ଯାଇଥିଲା ଓ ସୋସାଇଟି ପାଣ୍ଠିର ଅପବ୍ୟବହାର କରିବା ଓ ସରକାରୀ ରେଳଷକୁ ଅର୍ଥିକ କ୍ଷତି ପହଞ୍ଚାଇଥିବା ମିଳିଲାନ୍ସ ତଦତ୍ତରୁ ଜଣାପଡିବା ପରେ କଟକ ଭିଜିଲାନ୍ସ ଏକ ମାମଲା ରୁଜୁ କରିଥିଲା । ସରକାରୀ ଅର୍ଥ ହେରଫେର ଘଟଣାରେ ପୂର୍ବତନ ସମ୍ପାଦକ ଶ୍ରୀ ନାୟକକୁ ଭିଜିଲାନ୍ସ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ୫ ବର୍ଷରେ ଏନ୍‌ସିଡିସି: ସମବାୟ ବିକାଶର ନୂଆ ଦିଗ

ଭାରତ ଏକ କୃଷିପ୍ରଧାନ ଦେଶ। ଦେଶର ଅର୍ଥନୀତି, ଗ୍ରାମୀଣ ଜୀବନ ଓ ସାମାଜିକ ବ୍ୟବସ୍ଥା ସହ କୃଷି ଓ ସମବାୟର ସମ୍ପର୍କ ଅତ୍ୟନ୍ତ ଗଭୀର। ଛୋଟ ଓ ମଧ୍ୟମ ଚାଷୀ, ଦୁଗ୍ଧ ଉତ୍ପାଦକ, ମତ୍ସ୍ୟଜୀବୀ, ହସ୍ତଶିଳ୍ପୀ, କ୍ଷୁଦ୍ର ଉଦ୍ୟୋଗୀ ଓ ଗ୍ରାମୀଣ ଲୋକଙ୍କୁ ଏକତ୍ର କରି ସେମାନଙ୍କ ଆର୍ଥିକ ଓ ସାମାଜିକ ଉନ୍ନତି ସାଧନ କରିବାରେ ସମବାୟ ବ୍ୟବସ୍ଥାର ଭୂମିକା ଅପରିସୀମ। "ଏକତାରେ ଶକ୍ତି" ଓ "ସମସ୍ତଙ୍କ ଉନ୍ନତିରେ ସମସ୍ତଙ୍କ ଭାଗୀଦାରି"— ଏହି ମୂଳ ଚିନ୍ତାଧାରାକୁ ଆଧାର କରି ସମବାୟ ଆନ୍ଦୋଳନ ଦେଶର ଗ୍ରାମୀଣ ଅର୍ଥନୀତିକୁ ଦୀର୍ଘଦିନ ଧରି ସୁଦୃଢ଼ କରିଆସିଛି।

ଏହି ସମବାୟ ଆନ୍ଦୋଳନକୁ ଆର୍ଥିକ ଓ ବିକାଶମୂଳକ ସହାୟତା ଦେବାରେ ଜାତୀୟ ସହକାରୀ ବିକାଶ ନିଗମଏକ ଗୁରୁତ୍ୱପୂର୍ଣ୍ଣ ଜାତୀୟ ସଂସ୍ଥା। କୃଷି ଉତ୍ପାଦନ, କୃଷି ବଜାରୀକରଣ, ସଂରକ୍ଷଣ, ପ୍ରକ୍ରିୟାକରଣ, ଦୁଗ୍ଧ, ମତ୍ସ୍ୟ, ହସ୍ତତନ୍ତ, ହସ୍ତଶିଳ୍ପ, ଗୋଦାମ, ଶୀତଳଭଣ୍ଡାର ଓ ଅନ୍ୟାନ୍ୟ ଗ୍ରାମୀଣ ଅର୍ଥନୈତିକ କାର୍ଯ୍ୟକଳାପରେ ସମବାୟ ସଂସ୍ଥାଗୁଡ଼ିକୁ ଆର୍ଥିକ ସହାୟତା ଦେବା ଏନ୍‌ସିଡିସିର ପ୍ରମୁଖ କାର୍ଯ୍ୟ।

ଗତ ପାଞ୍ଚ ବର୍ଷକୁ ଅନୁଧ୍ୟାନ କଲେ ସମବାୟ କ୍ଷେତ୍ରରେ ଏକ ନୂଆ ପରିବର୍ତ୍ତନର ଆଭାସ ମିଳେ। ଏହି ସମୟରେ ସମବାୟ ସଂସ୍ଥାଗୁଡ଼ିକୁ କେବଳ ଆର୍ଥିକ ସହାୟତା ଦେବା ନୁହେଁ, ବରଂ ସେମାନଙ୍କୁ ଆଧୁନିକ, ସ୍ୱଚ୍ଛ, ପ୍ରତିଯୋଗୀ ଓ ଆତ୍ମନିର୍ଭର କରିବା ଦିଗରେ ଗୁରୁତ୍ୱ ଦିଆଯାଇଛି। ଏହାର ପ୍ରଭାବ ଦେଶର ଗ୍ରାମୀଣ ଅର୍ଥନୀତି ଓ ଲକ୍ଷ ଲକ୍ଷ ସମବାୟ ସଦସ୍ୟଙ୍କ ଜୀବନରେ ପଡ଼ିଛି।

ଜାତୀୟ ସହକାରୀ ବିକାଶ ନିଗମ ଦେଶର ସମବାୟ ସଂସ୍ଥାଗୁଡ଼ିକର ବିକାଶ ପାଇଁ ଆର୍ଥିକ ସହାୟତାର ଏକ ମୁଖ୍ୟ ସ୍ତମ୍ଭ ଭାବେ ପରିଚିତ। ସମବାୟ ସଂସ୍ଥାଗୁଡ଼ିକ ନିଜସ୍ୱ ସମ୍ବଳରେ ବଡ଼ ପ୍ରକଳ୍ପ କରିବାରେ ଅନେକ ସମୟରେ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ପୁଞ୍ଜିର ଅଭାବ, ଆଧୁନିକ ପ୍ରଯୁକ୍ତିର ଅଭାବ, ବଜାର ସହ ଦୁର୍ବଳ ସଂଯୋଗ ଓ ଭିତ୍ତିଭୂମିର ଅଭାବ ଯୋଗୁଁ ଅନେକ ସମବାୟ ସଂସ୍ଥା ନିଜର ପୂର୍ଣ୍ଣ ସାମର୍ଥ୍ୟ ପ୍ରଦର୍ଶନ କରିପାରୁନଥିଲେ।

ଏପରି ପରିସ୍ଥିତିରେ ଏନ୍‌ସିଡିସିର ଆର୍ଥିକ ସହଯୋଗ ସମବାୟ ସଂସ୍ଥାଗୁଡ଼ିକ ପାଇଁ ଏକ ବଡ଼ ସୁଯୋଗ ସୃଷ୍ଟି କରିଛି। ଋଣ ଓ ଅନ୍ୟାନ୍ୟ ଆର୍ଥିକ ବ୍ୟବସ୍ଥା ମାଧ୍ୟମରେ ସମବାୟଗୁଡ଼ିକ ନିଜର ଭିତ୍ତିଭୂମି ବଢ଼ାଇବା ସହିତ ନୂଆ ବ୍ୟବସାୟିକ କାର୍ଯ୍ୟକଳାପ ଆରମ୍ଭ କରିପାରୁଛନ୍ତି।

ଗତ ପାଞ୍ଚ ବର୍ଷ ସମବାୟ କ୍ଷେତ୍ର ପାଇଁ ବିଭିନ୍ନ ଦୃଷ୍ଟିରୁ ଏକ ପରିବର୍ତ୍ତନଶୀଳ ସମୟ। ସମବାୟକୁ କେବଳ ଗ୍ରାମୀଣ ଋଣ ଓ କୃଷି ସେବାର ମାଧ୍ୟମ ଭାବେ ନଦେଖି ଏହାକୁ ଏକ ଆଧୁନିକ ଆର୍ଥିକ ଓ ବ୍ୟବସାୟିକ ସଂଗଠନ ଭାବେ ଗଢ଼ି ତୋଳିବା ଉପରେ ଗୁରୁତ୍ୱ ବଢ଼ିଛି। ଚାଷୀଙ୍କ ଉତ୍ପାଦନଠାରୁ ଆରମ୍ଭ କରି ବଜାର ପର୍ଯ୍ୟନ୍ତ ସମଗ୍ର ମୂଲ୍ୟ ଶୃଙ୍ଖଳାକୁ ସୁଦୃଢ଼ କରିବାର ଚିନ୍ତାଧାରା ଆଗକୁ ଆସିଛି। ଉତ୍ପାଦନ, ସଂଗ୍ରହ, ସଂରକ୍ଷଣ, ପ୍ରକ୍ରିୟାକରଣ, ପ୍ୟାକେଜିଂ, ପରିବହନ ଓ ବଜାରୀକରଣ—ପ୍ରତ୍ୟେକ ପର୍ଯ୍ୟାୟରେ ସମବାୟର ଭୂମିକା ବଢ଼ାଇବାକୁ ପ୍ରୟାସ ହୋଇଛି।

ଏହା ଦ୍ୱାରା ଚାଷୀ ଓ ଉତ୍ପାଦକମାନେ ନିଜ ଉତ୍ପାଦର ମୂଲ୍ୟ ଶୃଙ୍ଖଳାରେ ଅଧିକ ଭାଗୀଦାର ହେବାର ସୁଯୋଗ ପାଇଛନ୍ତି। ମଧ୍ୟସ୍ଥଙ୍କ ଉପରେ ନିର୍ଭରଶୀଳତା କମାଇ ଉତ୍ପାଦକଙ୍କୁ ବଜାର ସହ ସିଧାସଳଖ ଯୋଡ଼ିବାର ରାସ୍ତା ମଧ୍ୟ ପ୍ରଶସ୍ତ ହୋଇଛି।

ଭାରତର ଅଧିକାଂଶ ଗ୍ରାମୀଣ ପରିବାର କୃଷି ସହ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଜଡ଼ିତ। କିନ୍ତୁ ଚାଷୀଙ୍କ ସମସ୍ୟା କେବଳ ଉତ୍ପାଦନ ପର୍ଯ୍ୟନ୍ତ ସୀମିତ ନୁହେଁ। ଉତ୍ପାଦନ ପରେ ସଂରକ୍ଷଣ, ପରିବହନ, ପ୍ରକ୍ରିୟାକରଣ ଓ ବିକ୍ରୟ ମଧ୍ୟ ଏକ ବଡ଼ ଚ୍ୟାଲେଞ୍ଜ।



●ମୋନାଲିସା ଦାସ

ଅନେକ ସମୟରେ ଚାଷୀ ଉତ୍ପାଦ ଅମଳ ପରେ ତୁରନ୍ତ ବିକ୍ରି କରିବାକୁ ବାଧ୍ୟ ହୁଅନ୍ତି। ଯଦି ସେହି ସମୟରେ ବଜାର ଦର କମ୍ ଥାଏ, ତେବେ ଚାଷୀଙ୍କୁ କ୍ଷତି ସହିବାକୁ ପଡ଼େ। ଗୋଦାମ ଓ ଶୀତଳଭଣ୍ଡାର ଭଳି ସୁବିଧା ଥିଲେ ଉତ୍ପାଦକୁ କିଛି ସମୟ ସଂରକ୍ଷଣ କରି ଉଚିତ ସମୟରେ ବଜାରକୁ ଆଣିହେବ।

ଏନ୍‌ସିଡିସିର ଆର୍ଥିକ ସହାୟତା ମାଧ୍ୟମରେ ସମବାୟ ସଂସ୍ଥାଗୁଡ଼ିକ ଏପରି ଭିତ୍ତିଭୂମି ଗଠନରେ ସକ୍ଷମ ହେଉଛନ୍ତି। ଏହା ଚାଷୀଙ୍କ ଉତ୍ପାଦର ମୂଲ୍ୟ ବଢ଼ାଇବା ସହିତ ଉତ୍ପାଦ ଅପଚୟକୁ ମଧ୍ୟ ହ୍ରାସ କରିପାରେ।

କୃଷି ଉତ୍ପାଦର ସୁରକ୍ଷିତ ସଂରକ୍ଷଣ ଗ୍ରାମୀଣ ଅର୍ଥନୀତିର ଏକ ମୁଖ୍ୟ ଆବଶ୍ୟକତା। ଧାନ, ଡାଲି, ତୈଳବୀଜ, ଆଳୁ, ପିଆଜ, ଫଳ, ପନିପରିବା ଓ ଅନ୍ୟାନ୍ୟ କୃଷି ଉତ୍ପାଦ ଠିକ୍ ଭାବେ ସଂରକ୍ଷିତ ନହେଲେ ବହୁ ପରିମାଣରେ ନଷ୍ଟ ହୋଇଥାଏ।

ସମବାୟ ଭିତ୍ତିକ ଗୋଦାମ ଓ ଶୀତଳଭଣ୍ଡାର ନିର୍ମାଣ ଦ୍ୱାରା ଏହି ସମସ୍ୟାର ଅନେକଟା ସମାଧାନ କରାଯାଇପାରେ। ଚାଷୀମାନେ ନିଜ ଉତ୍ପାଦ ସଂରକ୍ଷଣ କରିପାରିଲେ ବଜାର ଦର ଅନୁକୂଳ ହେବା ପର୍ଯ୍ୟନ୍ତ ଅପେକ୍ଷା କରିପାରିବେ। ଏହା ଚାଷୀଙ୍କ ଆୟ ବୃଦ୍ଧିରେ ସହାୟକ ହୋଇପାରିବ।

ଆଜିର ଦିନରେ କେବଳ କୃଷି ଉତ୍ପାଦ ବିକ୍ରି କରିବା ଯଥେଷ୍ଟ ନୁହେଁ। ଉତ୍ପାଦରେ ମୂଲ୍ୟ ବୃଦ୍ଧି କରି ବଜାରକୁ ନେବା ଆବଶ୍ୟକ। ଉଦାହରଣସ୍ୱରୂପ, ଧାନରୁ ଚାଉଳ, ଫଳରୁ ଜୁସ୍ ଓ ପ୍ରକ୍ରିୟାକୃତ ଖାଦ୍ୟ, ଦୁଗ୍ଧରୁ ଦହି, ପନିର ଓ ଅନ୍ୟାନ୍ୟ ଉତ୍ପାଦ ତିଆରି କଲେ ଅଧିକ ମୂଲ୍ୟ ସୃଷ୍ଟି ହୋଇଥାଏ।

ସମବାୟ ସଂସ୍ଥାଗୁଡ଼ିକ ଏକାଠି ହୋଇ ଏପରି ପ୍ରକ୍ରିୟାକରଣ କେନ୍ଦ୍ର ଗଠନ କରିପାରିଲେ ଉତ୍ପାଦକଙ୍କ ଲାଭ ବଢ଼ିବ। ଏନ୍‌ସିଡିସିର ଆର୍ଥିକ ସହାୟତା ଏପରି ପ୍ରକଳ୍ପ ପାଇଁ ଏକ ମଜବୁତ ଆଧାର ହୋଇପାରେ।

ଭାରତର ଗ୍ରାମୀଣ ଅର୍ଥନୀତିରେ ଦୁଗ୍ଧ ସମବାୟର ଭୂମିକା ଅତ୍ୟନ୍ତ ଉଲ୍ଲେଖନୀୟ। ଅନେକ କ୍ଷୁଦ୍ର ଚାଷୀ ଓ ଗ୍ରାମୀଣ ପରିବାର ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ମାଧ୍ୟମରେ ଜୀବିକା ନିର୍ବାହ କରନ୍ତି।

ଦୁଗ୍ଧ ସମବାୟ ମାଧ୍ୟମରେ ଦୁଗ୍ଧ ସଂଗ୍ରହ, ଗୁଣବତ୍ତା ଯାଞ୍ଚ, ଶୀତଳୀକରଣ, ପ୍ରକ୍ରିୟାକରଣ ଓ ବଜାରୀକରଣ କରାଯାଇପାରେ। ଏହା ଦୁଗ୍ଧ ଉତ୍ପାଦକଙ୍କୁ ଏକ ସ୍ଥିର ବଜାର ଯୋଗାଇଥାଏ। ମହିଳାମାନଙ୍କ ଅଂଶଗ୍ରହଣ ଏହି କ୍ଷେତ୍ରରେ ଅଧିକ ଥିବାରୁ ଦୁଗ୍ଧ ସମବାୟ ମହିଳା ସଶକ୍ତିକରଣର ଏକ ପ୍ରଭାବଶାଳୀ ମାଧ୍ୟମ ମଧ୍ୟ ହୋଇପାରିଛି।

ଓଡ଼ିଶା ସମେତ ଦେଶର ଅନେକ ରାଜ୍ୟରେ ମତ୍ସ୍ୟ କ୍ଷେତ୍ର ଗ୍ରାମୀଣ ଅର୍ଥନୀତିର ଏକ ମୁଖ୍ୟ ଆଧାର। ମାଛ ଚାଷୀ ଓ ମତ୍ସ୍ୟଜୀବୀମାନଙ୍କୁ ସଂଗଠିତ କରି ସେମାନଙ୍କୁ ଉତ୍ପାଦନ ଉପକରଣ, ବଜାର ସୁବିଧା ଓ ଆର୍ଥିକ ସହାୟତା ଯୋଗାଇବାରେ ମତ୍ସ୍ୟ ସମବାୟର ଭୂମିକା ରହିଛି।

ମାଛର ଶୀତଳ ସଂରକ୍ଷଣ, ପରିବହନ, ପ୍ରକ୍ରିୟାକରଣ ଓ ବଜାରୀକରଣ ପାଇଁ ଆଧୁନିକ ଭିତ୍ତିଭୂମି ଗଠନ କରାଗଲେ ମତ୍ସ୍ୟଜୀବୀଙ୍କ ଆୟ ଆହୁରି ବଢ଼ିପାରିବ। ଏହି ଦିଗରେ ସମବାୟ ଭିତ୍ତିକ ପ୍ରକଳ୍ପଗୁଡ଼ିକର ବିକାଶ ଆବଶ୍ୟକ।

ସମବାୟ କ୍ଷେତ୍ର ମହିଳାଙ୍କ ଆର୍ଥିକ ସଶକ୍ତିକରଣ ପାଇଁ ଏକ ଶକ୍ତିଶାଳୀ ମଞ୍ଚ। ଦୁଗ୍ଧ ଉତ୍ପାଦନ, ହସ୍ତତନ୍ତ, ହସ୍ତଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ, କୃଷି ଉତ୍ପାଦର ବଜାରୀକରଣ ଭଳି କ୍ଷେତ୍ରରେ ମହିଳା ସମବାୟ ଓ ମହିଳା ଗୋଷ୍ଠୀଗୁଡ଼ିକ ଅଧିକ ସକ୍ରିୟ ହୋଇପାରନ୍ତି। ମହିଳାଙ୍କୁ ଆର୍ଥିକ ସହାୟତା, ପ୍ରଶିକ୍ଷଣ, ବଜାର ସଂଯୋଗ ଓ ଆଧୁନିକ ପ୍ରଯୁକ୍ତି ମିଳିଲେ ସେମାନେ ନିଜେ ଉଦ୍ୟୋଗୀ ହୋଇପାରିବେ। ଏହା କେବଳ ମହିଳାଙ୍କ ଆୟ ବଢ଼ାଇବ ନୁହେଁ, ପରିବାରର ଜୀବନମାନକୁ ମଧ୍ୟ ଉନ୍ନତ କରିବ।

ଆଜିର ଯୁବପିଢ଼ି ନୂଆ ଚିନ୍ତାଧାରା, ପ୍ରଯୁକ୍ତି ଓ ଉଦ୍ୟୋଗୀ ମନୋଭାବ ନେଇ ଆଗକୁ ବଢ଼ୁଛି। ସମବାୟ କ୍ଷେତ୍ରରେ ଯୁବକ-ଯୁବତୀଙ୍କ ଅଂଶଗ୍ରହଣ ବଢ଼ାଇବା ଆବଶ୍ୟକ।

ଯୁବମାନେ କୃଷି ପ୍ରକ୍ରିୟାକରଣ, ଡିଜିଟାଲ ବଜାରୀକରଣ, ଇ-କମର୍ସ, ଗୋଦାମ ପରିଚାଳନା, ଡାଟା ପରିଚାଳନା ଓ ଗ୍ରାମୀଣ ଷ୍ଟାର୍ଟଅପ୍ ଭଳି କ୍ଷେତ୍ରରେ ସମବାୟକୁ ନୂଆ ଦିଗ ଦେଇପାରନ୍ତି। ଏଥିପାଇଁ ପ୍ରଶିକ୍ଷଣ ଓ ଉଦ୍ୟୋଗୀ ସୃଷ୍ଟି କାର୍ଯ୍ୟକ୍ରମକୁ ଆହୁରି ଶକ୍ତିଶାଳୀ କରିବା ଦରକାର।

ଡିଜିଟାଲ ଯୁଗରେ ସମବାୟ ସଂସ୍ଥାଗୁଡ଼ିକର ଆଧୁନିକୀକରଣ ଅପରିହାର୍ଯ୍ୟ। ସଦସ୍ୟଙ୍କ ତଥ୍ୟ, ହିସାବ, ଋଣ, ଜମା, କ୍ରୟ-ବିକ୍ରୟ ଓ ଅନ୍ୟାନ୍ୟ ତଥ୍ୟ ଡିଜିଟାଲ ଭାବେ ପରିଚାଳନା କଲେ ସ୍ୱଚ୍ଛତା ବଢ଼ିବ। ଡିଜିଟାଲ ବ୍ୟବସ୍ଥା ଦ୍ୱାରା ସମବାୟ ସଦସ୍ୟମାନେ ନିଜ ଖାତା ଓ ଲେନଦେନ ସମ୍ପର୍କରେ ଶୀଘ୍ର ତଥ୍ୟ ପାଇପାରିବେ। ଏହା ଦୁର୍ନୀତି ଓ ଅନିୟମିତତା କମାଇବା ସହିତ ପରିଚାଳନାରେ ଦକ୍ଷତା ଆଣିପାରିବ। ଉତ୍ପାଦନ ବଢ଼ିଲେ ମଧ୍ୟ ଯଦି ଉତ୍ପାଦର ଉଚିତ ବଜାର ନଥାଏ, ତେବେ ଉତ୍ପାଦକଙ୍କୁ ଆଶାନୁରୂପ ଲାଭ ମିଳିବ ନାହିଁ। ତେଣୁ ସମବାୟ ସଂସ୍ଥାଗୁଡ଼ିକୁ ଉତ୍ପାଦନ ସହିତ ବଜାରୀକରଣ ଉପରେ ମଧ୍ୟ ଗୁରୁତ୍ୱ ଦେବା ଦରକାର।

ବ୍ରାଣ୍ଡିଂ, ପ୍ୟାକେଜିଂ, ଗୁଣବତ୍ତା, ଅନଲାଇନ୍ ବିକ୍ରୟ ଓ ବଡ଼ ବଜାର ସହ ଯୋଗାଯୋଗ ମାଧ୍ୟମରେ ସମବାୟ ଉତ୍ପାଦକୁ ଜାତୀୟ ଓ ଆନ୍ତର୍ଜାତୀୟ ବଜାରରେ ପହଞ୍ଚାଇହେବ। ଏହା ପାଇଁ ସମବାୟ ସଂସ୍ଥାଗୁଡ଼ିକର ପେଶାଦାର ପରିଚାଳନା ଆବଶ୍ୟକ।

ଓଡ଼ିଶାରେ ସମବାୟ କ୍ଷେତ୍ରର ବିକାଶ ପାଇଁ ବ୍ୟାପକ ସମ୍ଭାବନା ରହିଛି। ରାଜ୍ୟର କୃଷି, ମତ୍ସ୍ୟ, ଦୁଗ୍ଧ, ହସ୍ତତନ୍ତ, ହସ୍ତଶିଳ୍ପ ଓ ଗ୍ରାମୀଣ ଉତ୍ପାଦନକୁ ସମବାୟ ମାଧ୍ୟମରେ ବଡ଼ ବଜାର ସହ ଯୋଡ଼ାଯାଇପାରେ।

ଧାନ, ଡାଲି, ମକା, ମାଛ, ଦୁଗ୍ଧ, ମସଲା, ଫଳ, ପନିପରିବା, ହସ୍ତତନ୍ତ ଓ ହସ୍ତଶିଳ୍ପ ଭଳି ଉତ୍ପାଦକୁ ସମବାୟ ଭିତ୍ତିରେ ସଂଗଠିତ କରି ମୂଲ୍ୟ ବୃଦ୍ଧି କରାଯାଇପାରିବ। ଏଥିପାଇଁ ଗ୍ରାମ ଓ ପଞ୍ଚାୟତ ସ୍ତରରେ ଆଧୁନିକ ଭିତ୍ତିଭୂମି ଗଠନ ଆବଶ୍ୟକ।

ଓଡ଼ିଶାର ଯୁବପିଢ଼ିକୁ ସମବାୟ ଉଦ୍ୟୋଗ ସହ ଯୋଡ଼ିବା ମଧ୍ୟ ଆବଶ୍ୟକ। ଏହା ଗ୍ରାମାଞ୍ଚଳରେ ରୋଜଗାର ବଢ଼ାଇବା ସହ ଗ୍ରାମରୁ ସହରକୁ ଯୁବକମାନଙ୍କ ପ୍ରବାସକୁ କିଛି ପରିମାଣରେ ରୋକିପାରିବ।ସମବାୟସଂସ୍ଥାରସଫଳତାପାଇଁସ୍ୱଚ୍ଛତା, ଦାୟିତ୍ୱବୋଧ ଓ ସଦସ୍ୟଙ୍କ ଅଂଶଗ୍ରହଣ ଅତ୍ୟନ୍ତ ଜରୁରୀ। ସଂସ୍ଥାର ଆୟ-ବ୍ୟୟ, ଋଣ ବଣ୍ଟନ, ପ୍ରକଳ୍ପ ଖର୍ଚ୍ଚ ଓ ଲାଭ ସମ୍ପର୍କରେ ସଦସ୍ୟମାନେ ଅବଗତ ହେବା ଦରକାର।

ନିୟମିତ ଅଡିଟ୍, ସୁଦୃଢ଼ ହିସାବ ବ୍ୟବସ୍ଥା, ଡିଜିଟାଲ ରେକର୍ଡ ଓ ଦକ୍ଷ ପରିଚାଳନା ଦ୍ୱାରା ସମବାୟ ସଂସ୍ଥାରେ ସଦସ୍ୟଙ୍କ ବିଶ୍ୱାସ ବଢ଼ିପାରିବ। ଏନ୍‌ସିଡିସିର ସହାୟତା ସହିତ ସମବାୟ ସଂସ୍ଥାମାନେ ନିଜର ଆଭ୍ୟନ୍ତରୀଣ ପରିଚାଳନାକୁ ମଧ୍ୟ ସୁଦୃଢ଼ କରିବା ଆବଶ୍ୟକ।

ଓଡ଼ିଶା ଭଳି ରାଜ୍ୟ ପ୍ରାୟ ପ୍ରତିବର୍ଷ ବାତ୍ୟା, ବନ୍ୟା, ମରୁଡ଼ି ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୁଏ। ଏପରି ସମୟରେ ଚାଷୀ ଓ ଗ୍ରାମୀଣ ଉତ୍ପାଦକମାନେ ବଡ଼ କ୍ଷତିର ସମ୍ମୁଖୀନ ହୁଅନ୍ତି।

ସୁଦୃଢ଼ ସମବାୟ ବ୍ୟବସ୍ଥା ଥିଲେ ବିପର୍ଯ୍ୟୟ ପରେ ଉତ୍ପାଦକଙ୍କୁ ପୁନଃ ଉତ୍ପାଦନ କାର୍ଯ୍ୟକୁ ଫେରାଇ ଆଣିବା ସହଜ ହୋଇପାରେ। ବିହନ, କୃଷି ଉପକରଣ, ଆର୍ଥିକ ସହାୟତା, ଉତ୍ପାଦ ସଂଗ୍ରହ ଓ ବଜାର ସୁବିଧା ଯୋଗାଇବାରେ ସମବାୟ ସଂସ୍ଥାଗୁଡ଼ିକ ଏକ ସ୍ଥାନୀୟ ସହାୟକ ବ୍ୟବସ୍ଥା ଭାବେ କାମ କରିପାରନ୍ତି।

ଆତ୍ମନିର୍ଭର ଭାରତର ଲକ୍ଷ୍ୟ ପୂରଣରେ ସମବାୟ କ୍ଷେତ୍ରର ଅବଦାନ ବହୁତ ବଡ଼ ହୋଇପାରେ। ସ୍ଥାନୀୟ ଉତ୍ପାଦକଙ୍କୁ ସଂଗଠିତ କରି ସ୍ଥାନୀୟ ଉତ୍ପାଦକୁ ବ୍ରାଣ୍ଡ ଭାବେ ବିକଶିତ କରାଗଲେ ଗ୍ରାମୀଣ ଅର୍ଥନୀତିରେ ନୂଆ ଗତି ଆସିପାରେ।

ସମବାୟ ମାଧ୍ୟମରେ ଛୋଟ ଉତ୍ପାଦକମାନେ ବଡ଼ ବଜାରରେ ପ୍ରବେଶ କରିପାରନ୍ତି। ସାମୂହିକ କ୍ରୟ ମାଧ୍ୟମରେ କଞ୍ଚାମାଲର ମୂଲ୍ୟ କମାଇବା ଓ ସାମୂହିକ ବିକ୍ରୟ ମାଧ୍ୟମରେ ଉତ୍ପାଦର ଭଲ ମୂଲ୍ୟ ପାଇବା ସମ୍ଭବ। ଏହା ଆତ୍ମନିର୍ଭରତାର ମୂଳ ଧାରଣାକୁ ଶକ୍ତିଶାଳୀ କରିଥାଏ।

ଏନ୍‌ସିଡିସି ଓ ସମବାୟ କ୍ଷେତ୍ର ସମ୍ମୁଖରେ ଯେତେ ସୁଯୋଗ ରହିଛି, ସେତେକି ଚ୍ୟାଲେଞ୍ଜ ମଧ୍ୟ ରହିଛି। କେତେକ ସମବାୟ ସଂସ୍ଥାର ଆର୍ଥିକ ଦୁର୍ବଳତା, ପୁରୁଣା ପରିଚାଳନା ପଦ୍ଧତି, ପ୍ରଯୁକ୍ତି ଜ୍ଞାନର ଅଭାବ, ବଜାର ସହ ଦୁର୍ବଳ ସଂଯୋଗ ଓ କୁଶଳ ମାନବ ସମ୍ବଳର ଅଭାବ ଏହାର ବିକାଶରେ ବାଧା ସୃଷ୍ଟି କରୁଛି। ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ଦକ୍ଷ ପରିଚାଳନା, ପ୍ରଶିକ୍ଷଣ, ଡିଜିଟାଲୀକରଣ, ଆର୍ଥିକ ଶୃଙ୍ଖଳା ଓ ବଜାରମୁଖୀ ଚିନ୍ତାଧାରା ଆବଶ୍ୟକ। ସମବାୟ ସଂସ୍ଥାଗୁଡ଼ିକୁ କେବଳ ସରକାରୀ ସହାୟତା ଉପରେ ନିର୍ଭର ନକରି ନିଜସ୍ୱ ବ୍ୟବସାୟିକ ସାମର୍ଥ୍ୟ ବିକଶିତ କରିବା ଦରକାର।

ଆଗାମୀ ପାଞ୍ଚ ବର୍ଷରେ ଏନ୍‌ସିଡିସିର ଭୂମିକାକୁ ଆହୁରି ବ୍ୟାପକ କରିବାର ସୁଯୋଗ ରହିଛି। ପ୍ରତ୍ୟେକ ଅଞ୍ଚଳର ସ୍ଥାନୀୟ ଆବଶ୍ୟକତା ଅନୁଯାୟୀ ସମବାୟ ପ୍ରକଳ୍ପ ଗଠନ କରିବା ଦରକାର। କୃଷି ଉତ୍ପାଦ ପ୍ରକ୍ରିୟାକରଣ, ଗ୍ରାମୀଣ ଖାଦ୍ୟ ଶିଳ୍ପ, ଦୁଗ୍ଧ, ମତ୍ସ୍ୟ, ହସ୍ତତନ୍ତ ଓ ହସ୍ତଶିଳ୍ପରେ ବଡ଼ ମାପର ସମବାୟ ଉଦ୍ୟୋଗ ଗଠନ କରାଯାଇପାରେ।

ଏହା ସହିତ ଯୁବ ଓ ମହିଳାମାନଙ୍କୁ ସମବାୟ ନେତୃତ୍ୱରେ ଅଧିକ ସୁଯୋଗ ଦେବା, ଡିଜିଟାଲ ସେବା ବଢ଼ାଇବା, ଉତ୍ପାଦର ଗୁଣବତ୍ତା ନିଶ୍ଚିତ କରିବା ଓ ଜାତୀୟ ବଜାର ସହ ସମବାୟ ସଂସ୍ଥାଗୁଡ଼ିକୁ ଯୋଡ଼ିବା ଆବଶ୍ୟକ।

ଗତ ପାଞ୍ଚ ବର୍ଷ ଏନ୍‌ସିଡିସି ଓ ଭାରତୀୟ ସମବାୟ ଆନ୍ଦୋଳନ ପାଇଁ ପରିବର୍ତ୍ତନର ଏକ ନୂଆ ପର୍ବ। ଏହି ସମୟରେ ସମବାୟକୁ ଅଧିକ ଆଧୁନିକ, ଆତ୍ମନିର୍ଭର, ପ୍ରଯୁକ୍ତିମୁଖୀ ଓ ବଜାରମୁଖୀ କରିବାର ପ୍ରୟାସ ଦୃଢ଼ ହୋଇଛି। ଏନ୍‌ସିଡିସିର ଆର୍ଥିକ ସହାୟତା ସମବାୟ ସଂସ୍ଥାଗୁଡ଼ିକୁ ନୂଆ ପ୍ରକଳ୍ପ ଗଠନ, ଭିତ୍ତିଭୂମି ବିକାଶ ଓ ବ୍ୟବସାୟ ବିସ୍ତାର ପାଇଁ ସୁଯୋଗ ଦେଇଛି। କୃଷକଙ୍କ ଆୟ ବୃଦ୍ଧି, ଗ୍ରାମୀଣ ରୋଜଗାର, ମହିଳା ସଶକ୍ତିକରଣ, ଯୁବ ଉଦ୍ୟୋଗୀ ସୃଷ୍ଟି ଓ ସ୍ଥାନୀୟ ଉତ୍ପାଦର ବଜାରୀକରଣରେ ସମବାୟ ଏକ ଶକ୍ତିଶାଳୀ ମାଧ୍ୟମ ହୋଇପାରିଛି।

ତେବେ କେବଳ ଆର୍ଥିକ ସହାୟତା ଦ୍ୱାରା ସମବାୟର ସମ୍ପୂର୍ଣ୍ଣ ବିକାଶ ସମ୍ଭବ ନୁହେଁ। ସଦସ୍ୟଙ୍କ ସକ୍ରିୟ ଅଂଶଗ୍ରହଣ, ସ୍ୱଚ୍ଛ ପରିଚାଳନା, ଦକ୍ଷ ନେତୃତ୍ୱ, ଆଧୁନିକ ପ୍ରଯୁକ୍ତି ଓ ବଜାର ସହ ସୁଦୃଢ଼ ସଂଯୋଗ ମଧ୍ୟ ଆବଶ୍ୟକ। ସମବାୟ ସଂସ୍ଥାଗୁଡ଼ିକ ଯଦି ନିଜର ଦାୟିତ୍ୱକୁ ଠିକ୍ ଭାବେ ପାଳନ କରି ଆଧୁନିକ ବ୍ୟବସାୟିକ ପଦ୍ଧତି ଗ୍ରହଣ କରନ୍ତି, ତେବେ ଆଗାମୀ ଦିନରେ ସେମାନେ ଗ୍ରାମୀଣ ଅର୍ଥନୀତିର ମେରୁଦଣ୍ଡ ହୋଇପାରିବେ।

## ବିଜାତଳା LAMPCSରେ 'ଓ୍ୱାନ୍ ଷ୍ଟପ୍ ଶପ୍' ଉଦ୍‌ଘାଟିତ

# ଚାଷୀ ଓ ସାଧାରଣ ଲୋକଙ୍କୁ ମିଳିବ ଏକାଠି ବହୁମୁଖୀ ସେବା

ମୟୂରଭଞ୍ଜ: ମୟୂରଭଞ୍ଜ ଜିଲ୍ଲାର ବିଜାତଳା ଲ୍ୟାମ୍ପସ୍ (LAMPCS) ପରିସରରେ ଏକ ନୂତନ 'ଓ୍ୱାନ୍ ଷ୍ଟପ୍ ଶପ୍'ର ଶୁଭ ଉଦ୍‌ଘାଟନ ସାରସକଣା ନିର୍ବାଚନମଣ୍ଡଳୀର ମାନ୍ୟବର ବିଧାୟକଙ୍କ କରକମଳରେ ସମ୍ପନ୍ନ ହୋଇଛି। ଗ୍ରାମାଞ୍ଚଳରେ ସମବାୟ ବ୍ୟବସ୍ଥାକୁ ଅଧିକ ସଶକ୍ତ କରିବା ସହ ଚାଷୀ ଏବଂ ସ୍ଥାନୀୟ ଜନସାଧାରଣଙ୍କୁ ଗୁଣବତ୍ତାଯୁକ୍ତ ସାମଗ୍ରୀ ଏକ ସ୍ଥାନରେ ଉପଲବ୍ଧ କରାଇବା ଏହି ପଦକ୍ଷେପର ମୂଳ ଉଦ୍ଦେଶ୍ୟ ।

ଏହି 'ଓ୍ୱାନ୍ ଷ୍ଟପ୍ ଶପ୍'ରେ ନାଫେଡ୍, ଓମ୍‌ଫେଡ୍ ଏବଂ ଓଏଫ୍‌ଡିସି ପରି ପ୍ରତିଷ୍ଠିତ ବ୍ରାଣ୍ଡର ଉତ୍କୃଷ୍ଟ ଗୁଣବତ୍ତାଯୁକ୍ତ ଖାଦ୍ୟ ଓ ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀ ଉପଲବ୍ଧ ହେବ। ଏହା ସହିତ ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟର ପାରମ୍ପରିକ ବସ୍ତ୍ର, ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀକୁ ମଧ୍ୟ ଏହି କେନ୍ଦ୍ର ମାଧ୍ୟମରେ ବଜାର ସୁବିଧା ମିଳିବ। ଫଳରେ ସ୍ଥାନୀୟ କାରିଗର ଓ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଉତ୍ପାଦର ପ୍ରଚାର ଓ ବିକ୍ରି ବୃଦ୍ଧି ପାଇବା ସହ ସେମାନଙ୍କ ଆର୍ଥିକ ସ୍ୱାବଲମ୍ବନକୁ ମଧ୍ୟ ବଳ ମିଳିବ ।






ଚାଷୀମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ବିଭିନ୍ନ ଆଧୁନିକ କୃଷି ଯନ୍ତ୍ରପାତି, କୃଷି ଉପକରଣ ଓ ଆବଶ୍ୟକ ସାମଗ୍ରୀ ମଧ୍ୟ ଏଠାରେ ଉପଲବ୍ଧ ରହିବ। ଏହାଦ୍ୱାରା ଚାଷୀମାନେ ନିଜ ଅଞ୍ଚଳରେ ହିଁ ଆବଶ୍ୟକ ଉପକରଣ ସହଜରେ ପାଇପାରିବେ ଏବଂ ସମୟ ଓ ଅର୍ଥର ସଞ୍ଚୟ ହେବ। ଗ୍ରାମାଞ୍ଚଳରେ କୃଷିକୁ ଅଧିକ ଆଧୁନିକ, ସହଜ ଓ ଲାଭଜନକ କରିବାରେ ଏହି କେନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ ।

ଉଦ୍‌ଘାଟନୀ ଉତ୍ସବରେ ବକ୍ତାମାନେ ସମବାୟ ସଂସ୍ଥାଗୁଡ଼ିକୁ ଗ୍ରାମୀଣ ଅର୍ଥନୀତିର ମେରୁଦଣ୍ଡ ବୋଲି ବର୍ଣ୍ଣନା କରିଥିଲେ। ସେମାନେ କହିଥିଲେ ଯେ, ଏଭଳି 'ଓ୍ୱାନ୍ ଷ୍ଟପ୍ ଶପ୍' ମାଧ୍ୟମରେ ଚାଷୀ ଓ ସାଧାରଣ ଉପଭୋକ୍ତା ଗୋଟିଏ ସ୍ଥାନରେ ବିଶ୍ୱସନୀୟ ଏବଂ ଗୁଣବତ୍ତାଯୁକ୍ତ ସାମଗ୍ରୀ ପାଇପାରିବେ। ଏହା ଗ୍ରାମାଞ୍ଚଳରେ ସମବାୟ ଆନ୍ଦୋଳନକୁ ଅଧିକ ସୁଦୃଢ଼ କରିବା ସହ ସ୍ଥାନୀୟ ଉତ୍ପାଦକ, କାରିଗର ଏବଂ ଚାଷୀମାନଙ୍କ ପାଇଁ ନୂତନ ଆର୍ଥିକ ସୁଯୋଗ ସୃଷ୍ଟି କରିବ ।

ବିଜାତଳା LAMPCS ପକ୍ଷରୁ କୁହାଯାଇଛି ଯେ, ଆଗାମୀ ଦିନରେ ଏହି କେନ୍ଦ୍ରରେ ଅଧିକ ସଂଖ୍ୟକ ଜନଉପଯୋଗୀ ସେବା ଓ ଉତ୍ପାଦ ସାମିଲ କରାଯିବ, ଯାହାଦ୍ୱାରା ଗ୍ରାମାଞ୍ଚଳର ଲୋକମାନେ ସହରକୁ ନଯାଇ ନିଜ ଅଞ୍ଚଳରେ ହିଁ ବିଭିନ୍ନ ଆବଶ୍ୟକ ସାମଗ୍ରୀ ଓ ସେବା ପାଇପାରିବେ। ଏହି ପଦକ୍ଷେପ ସମବାୟ କ୍ଷେତ୍ରର ବିକାଶ ସହ ଗ୍ରାମୀଣ ଅର୍ଥନୀତିକୁ ଅଧିକ ସୁଦୃଢ଼ କରିବାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା ପ୍ରକାଶ ପାଇଛି ।

## ପଣପଣା PACSରେ ଜନସେବା କେନ୍ଦ୍ର (CSC) ଉଦ୍‌ଘାଟିତ

## ଡିଜିଟାଲ୍ ସେବା ସହ କୃଷି ଯନ୍ତ୍ରପାତି ଉପଲବ୍ଧତାକୁ ଗୁରୁତ୍ୱ



ବାଲେଶ୍ୱର: ଗ୍ରାମାଞ୍ଚଳରେ କୃଷି ସମବାୟ ସମିତି (PACS/LAMPCS)ଗୁଡ଼ିକୁ ବହୁମୁଖୀ ସେବା କେନ୍ଦ୍ରରେ ପରିଣତ କରିବା ଏବଂ ଚାଷୀମାନଙ୍କୁ ସହଜ, ସୁଲଭ ଓ ଡିଜିଟାଲ୍ ସେବା ପ୍ରଦାନ କରିବା ଲକ୍ଷ୍ୟରେ ବାଲେଶ୍ୱର ଜିଲ୍ଲାର ପଣପଣା PACS ପରିସରରେ ଏକ ଜନସେବା କେନ୍ଦ୍ର (CSC)ର ଆନୁଷ୍ଠାନିକ ଉଦ୍‌ଘାଟନ ହୋଇଯାଇଛି । ଏହି ଜନସେବା କେନ୍ଦ୍ର ମାଧ୍ୟମରେ ସ୍ଥାନୀୟ ଚାଷୀ ଓ ସାଧାରଣ ଲୋକ ବିଭିନ୍ନ ସରକାରୀ ଓ ଡିଜିଟାଲ୍ ସେବାକୁ ନିଜ ଅଞ୍ଚଳରେ ସହଜରେ ପାଇପାରିବେ । ଏହା ସମବାୟ ସମିତିଗୁଡ଼ିକୁ କେବଳ ଋଣ ଓ କୃଷି ସେବାରେ ସୀମିତ ନ ରଖି ବହୁମୁଖୀ ଗ୍ରାମୀଣ ସେବା କେନ୍ଦ୍ର ଭାବେ ବିକଶିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ଅବସରରେ ପଣପଣା PACS ମାଧ୍ୟମରେ ୫ ଜଣ ସ୍ଥାନୀୟ ଚାଷୀ କୃଷି କାର୍ଯ୍ୟରେ ବ୍ୟବହାର ପାଇଁ ସ୍ପ୍ରେୟର ମେସିନ୍ କ୍ରୟ କରିଥିଲେ। ଏହା ସହିତ 'CSC eVLE Store' ମାଧ୍ୟମରେ ଅତିରିକ୍ତ ୫୦ଟି ସପ୍ରେୟର ମେସିନ୍‌ର ଅର୍ଡର ମଧ୍ୟ ଦିଆଯାଇଛି । କୃଷି ଯନ୍ତ୍ରପାତିକୁ ଚାଷୀଙ୍କ ନିକଟରେ ସହଜରେ ପହଞ୍ଚାଇବା ସହ କୃଷି କାର୍ଯ୍ୟକୁ ଅଧିକ ଦକ୍ଷ, ସମୟସାପେକ୍ଷ ଓ ଲାଭଜନକ କରିବାରେ ସହାୟକ ହେବ । ସମବାୟ ସମିତି ମାଧ୍ୟମରେ ଡିଜିଟାଲ୍ ସେବା, କୃଷି ଉପକରଣ ଯୋଗାଣ ଓ ଅନ୍ୟାନ୍ୟ ଜନସେବାକୁ ଏକାଠି କରିବା ଦ୍ୱାରା ଗ୍ରାମୀଣ ଅର୍ଥନୀତିକୁ ସଶକ୍ତ କରିବା, ଚାଷୀଙ୍କ ଆୟ ବୃଦ୍ଧି କରିବା ଏବଂ ସମବାୟ ଆନ୍ଦୋଳନକୁ ଅଧିକ ସୁଦୃଢ଼ କରିବା ଦିଗରେ ଏହି ପଦକ୍ଷେପ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ।

# ଚାଷୀଙ୍କ ହକ୍ ପୂରଣ ପାଇଁ ସରକାରଙ୍କୁ ଚେତାବନୀ ଦେଲା କଂଗ୍ରେସ

ଭୁବନେଶ୍ୱର: ବିଜେପି ଶାସନ କାଳରେ ସମବାୟ ସଂସ୍ଥାଗୁଡ଼ିକ ଦେବାଳିଆ ସ୍ତରକୁ ଚାଲିଯାଇଛି। ଅଂଶୀଦାରମାନେ ସମ୍ପୃକ୍ତ ସମବାୟ ସଂସ୍ଥାଗୁଡ଼ିକରୁ ସେମାନଙ୍କ ହକ୍ ଅନୁଯାୟୀ ବିଭିନ୍ନ ସୁବିଧ । ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି। ଅଣସମବାୟବିତ୍ରମାନଙ୍କ ପରିଚାଳନା ଯୋଗୁଁ ଅନେକ ସମବାୟ ସଂସ୍ଥା କ୍ଷତିରେ ଚାଲୁଛି । ଏପରିକି ଚାଷୀମାନେ ଠିକଣା ସମୟରେ କୃଷିଋଣ ଓ ସାର ପ୍ରଭୃତି ପାଇପାରୁ ନାହାନ୍ତି କହି ସରକାରଙ୍କ ଉପରେ ବର୍ଷିଛି କଂଗ୍ରେସ । ପିସିସି ସମବାୟ ପ୍ରକୋଷ୍ଠ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ସମବାୟଲିତ୍ର ମାନଙ୍କ ଆଲୋଚନାଚକ୍ରରେ ପ୍ରଦେଶ କଂଗ୍ରେସ କମିଟି ସମବାୟ ପ୍ରକୋଷ୍ଠ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ କହିଛନ୍ତି, ପୂର୍ବରୁ ଗଢ଼ି ଉଠିଥିବା ସମବାୟ ଭିତ୍ତିକ ଶୀତଳଭଣ୍ଡାର, କୃଷିଭିତ୍ତିକ ଶିଳ୍ପଗୁଡ଼ିକ ଅଟକ ହୋଇ ପଡ଼ି ରହିଛି । କୃଷି ଓ କୃଷକର ବିକାଶ ପାଇଁ ସମବାୟ ହିଁ ରକ୍ଷା କବଚ । ଆଗାମୀ ଦିନରେ ସମବାୟ ସଂସ୍ଥାକୁ ନିରପେକ୍ଷ ଭାବରେ ଠିକଣା ଢଙ୍ଗରେ ସୁପରିଚାଳିତ କରାଯାଇ ପାରିବ ସେଥିପାଇଁ କଂଗ୍ରେସ ପକ୍ଷରୁ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଘୋଷଣା କ୍ରମେ ଏକ ରୋଡ୍‌ମ୍ୟାପ ପ୍ରସ୍ତୁତ କରାଯାଇଛି ବୋଲି ସେ କହିଛନ୍ତି । ପ୍ରତି ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ, ଜିଲ୍ଲା ଓ ରାଜ୍ୟସ୍ତରରେ ସମବାୟବିତ୍ରମାନଙ୍କୁ ନେଇ କମିଟି ଗଠନ କରାଯିବ ଏବଂ ସମସ୍ତ ସମବାୟ ସଂସ୍ଥାକୁ ସଶକ୍ତ ଭିଭିଭୂମି ସୁଦୃଢ଼, ଆବଶ୍ୟକ ସଂଖ୍ୟକ ମାନବ ସମ୍ବଳ ସୃଷ୍ଟି କରାଯିବାକୁ କଂଗ୍ରେସ ପକ୍ଷରୁ ବିଭିନ୍ନ ସ୍ତରରେ ଦାବି କରାଯିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ଏହି ସମ୍ମିଳନୀରେ ଜିଲ୍ଲାର ବିଶିଷ୍ଟ ସମବାୟ ନେତା ପ୍ରେମ ଶଙ୍କର ମିଶ୍ର କଂଗ୍ରେସ ସରକାର ସମୟର ସମବାୟ ସଂସ୍ଥା ଏବଂ । ଆଜିର ବିଜେପି ସରକାରରେ ସମବାୟ ସଂସ୍ଥା ଆକାଶ ପାତାଳ ବୋଲି ମତବ୍ୟକ୍ତ କରିଥିଲେ।



## ଗଞ୍ଜାମ ଜିଲ୍ଲା ଗସ୍ତରେ RCSଙ୍କ ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ ଓ ଆସିକା ସମବାୟ ଚିନି ଶିଳ୍ପର ସମୀକ୍ଷା

ଗଞ୍ଜାମ: ଗଞ୍ଜାମ ଜିଲ୍ଲା ଗସ୍ତ ଅବସରରେ ଓଡ଼ିଶା ସମବାୟ ସମିତି ସମୂହର ନିବନ୍ଧକ (RCS) ଶ୍ରୀ ମନୀଷ ଅଗ୍ରୱାଲ ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ ପରିଦର୍ଶନ କରି ବ୍ୟାଙ୍କର ବିଭିନ୍ନ ବ୍ୟାଙ୍କିଂ କାର୍ଯ୍ୟକଳାପ, ଋଣ ବଣ୍ଟନ, ଜମା ସଂଗ୍ରହ, ଡିଜିଟାଲ ବ୍ୟାଙ୍କିଂ ସେବା ଏବଂ କୃଷକ ଓ ଗ୍ରାହକମାନଙ୍କୁ ପ୍ରଦାନ କରାଯାଉଥିବା ସେବାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ବ୍ୟାଙ୍କର କାର୍ଯ୍ୟଦକ୍ଷତାକୁ ଆହୁରି ସୁଦୃଢ଼ କରିବା ସହ ସଦସ୍ୟ ଓ ଗ୍ରାହକମାନଙ୍କୁ ଅଧିକ ଗୁଣାତ୍ମକ ସେବା ଯୋଗାଇବା ପାଇଁ ସେ ଆବଶ୍ୟକ ପରାମର୍ଶ ପ୍ରଦାନ କରିଥିଲେ ।

ଏହାପରେ ମାନ୍ୟବର ଆସିକା ବିଧାୟକ, ସମବାୟ ନିବନ୍ଧକ ଶ୍ରୀ ମନୀଷ ଅଗ୍ରୱାଲ ଏବଂ ସମବାୟ ବିଭାଗର ଅତିରିକ୍ତ ଶାସନ ସଚିବ ତଥା ଆସିକା ସମବାୟ ଚିନି ଶିଳ୍ପ (ACSI)ର ପରିଚାଳନା ନିର୍ଦ୍ଦେଶକ (MD)ଙ୍କ ଉପସ୍ଥିତିରେ ଆସିକା ସମବାୟ ଚିନି ଶିଳ୍ପର ଉନ୍ନତି ସମ୍ପର୍କରେ ଏକ ବିସ୍ତୃତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା ।



ବୈଠକରେ ଚିନି ଶିଳ୍ପର ଆଧୁନିକୀକରଣ, ଆଖୁ ଉତ୍ପାଦନ ବୃଦ୍ଧି, ଚାଷୀଙ୍କୁ ଅଧିକ ପ୍ରୋତ୍ସାହନ, ଉତ୍ପାଦନ କ୍ଷମତା ବୃଦ୍ଧି ଏବଂ ଶିଳ୍ପର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ଇଥାନଲ, ଜୈବ ସାର, ବାଗାସ ଆଧାରିତ ଉତ୍ପାଦ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଉତ୍ପାଦର ବ୍ୟବସାୟିକ ବିବିଧକରଣ ମାଧ୍ୟମରେ ଚିନି ଶିଳ୍ପକୁ ଅଧିକ ଲାଭଜନକ ଏବଂ ଆତ୍ମନିର୍ଭରଶୀଳ କରିବା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ସମବାୟ କ୍ଷେତ୍ରକୁ ଅଧିକ ସଶକ୍ତ କରିବା, କୃଷକଙ୍କ ଆୟ ବୃଦ୍ଧି କରିବା ଏବଂ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ଦିଗରେ ଏଭଳି ସମୀକ୍ଷା ଓ ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା





## କେନ୍ଦ୍ରାପଡା କ୍ରେଡିଟର ସ୍ୱତନ୍ତ୍ର ସମବାୟ ସମାରୋହ

# ବିକଶିତ ଭାରତ ଲକ୍ଷ୍ୟକୁ ସମବାୟ ପୂରଣ କରିବ




କେନ୍ଦ୍ରାପଡ଼ା: କେନ୍ଦ୍ରାପଡା କୋ-ଅପରେଟିଭସୋସାଇଟି ଲିମିଟେଡ (କେସିସିଏଲ) ର ୨୬ତମ ବର୍ଷ ଅବସରରେ ସଂସ୍କୃତି ଭବନ ଠାରେ ସ୍ୱତନ୍ତ୍ର ସମବାୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ପ୍ରମୋଦ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ କେନ୍ଦ୍ର ସରକାରଙ୍କ ବିକଶିତ ଭାରତ ଓ ରାଜ୍ୟ ସରକାରଙ୍କ ବିକଶିତ ଓଡ଼ିଶାର ଲକ୍ଷ୍ୟକୁ ସମବାୟ ଦ୍ୱାରା ପୂରଣ କରାଯାଇ ପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

ସହଯୋଗିତା ମାନବ ଇତିହାସ ସହିତ ଜଡ଼ିତ । ଆଧୁନିକତା ଆଳରେ ସମ୍ପର୍କର ସେତୁ ଭାଙ୍ଗି ଯାଇଥିଲା । ମାତ୍ର ସମବାୟ ମାଧ୍ୟମରେ ଏହାର ପୂର୍ବଜନ୍ମ ହୋଇଛି ବୋଲି କେନ୍ଦ୍ରାପଡା କୋ (କେସିସିଏଲ) ର ୨୬ତମ ବର୍ଷ ଅବସରରେ ମୁଖ୍ୟ ଅତିଥି ଭାବେ ଆଦିତ୍ୟ କୁମାର ମହାପାତ୍ର କହିଛନ୍ତି।

ସମିତି ସଭାପତି ପ୍ରମୋଦ ସାହୁଙ୍କ ଅଧକ୍ଷତାରେ ଜିଲ୍ଲା ସଂସ୍କୃତି ଭବନରେ ଶନିବାର ସ୍ୱତନ୍ତ୍ର ସମବାୟ ସମାରୋହରେ ମୁଖ୍ୟ ଅତିଥି ବିଚାରପତି ଶ୍ରୀ ମହାପାତ୍ର ଅପରେସନ ପୁଡ ଆମକୁ ସମବାୟରେ ସମ୍ବଦ୍ଧିତ ପଥ ଦେଖାଇଛି । ୧୯୦୪ ମସିହାରୁ ଆସିଥିବା ସମବାୟ ଆଇନରେ ବହୁ ପରିବର୍ତ୍ତନ ହୋଇଛି। ଏହା ଏବେ ମୌଳିକ ଅଧିକାରରେ ପରିଣତ ହୋଇଛି। ପ୍ରେରଣା, ବିଶ୍ୱନାଯତା ଓ ଔଦ୍ୟୋଗିତା ଏହି ସମବାୟ ଆନ୍ଦୋଳନକୁ ଅଗ୍ରଗତି ମୁଖ୍ୟବକ୍ତା ଭାବେ ପ୍ରଧାନମନ୍ତ୍ରୀଙ୍କ ପରିଷଦର ଯୁଗ୍ମ ସଚିବ କମଳାକାନ୍ତ ତ୍ରିପାଠୀ ସମ୍ମାନୀତ ଅତିଥି ରାଜ୍ୟ ଆଇନ ପରିଷଦ ସଦସ୍ୟ ଦିନେଶ ରାୟ ସମ୍ମାନିତ ଦନ୍ତା ସମବାୟ ସମିତି ସମୂହର ଅତିରିକ୍ତ ନିବନ୍ଧକ ପ୍ରମୋଦ କୁମାର ସାହୁ, ଉପ ସଭାପତି ସାବିନା ପରଡ୍ଡିନ ଯୋଗ ଦେଇ ସମବାୟ ଆନ୍ଦୋଳନ ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଡ ତ୍ରିପାଠୀ କହିଲେ ଯେଭାରତୀୟ ଓ ଓଡ଼ିଶାର ସଂସ୍କୃତିରେ ନିଜ ସହ ସମାଜର ଅଭିବୃଦ୍ଧିକୁ ଗୁରୁତ୍ୱ ଦିଆଯାଇଛି । ପଶୁପକ୍ଷୀମାନେ ବଣରେ ଜ୍‌ରେ ମଧ୍ୟ ପ୍ରତିଯୋଗିତା ନକରି ସହଭାଗିତାକୁ ଗୁରୁତ୍ୱ ଦେଇଥାନ୍ତି। ଗ୍ରାମ୍ୟ ଅଭିବୃଦ୍ଧିରେ ସମାଜର ଅଭିବୃଦ୍ଧି ପାଇଁ ସମବାୟ ଆନ୍ଦୋଳନକୁ ଅଧିକ ପ୍ରୋତ୍ସାହନ ଦେଇ ପ୍ରଧାନମନ୍ତ୍ରୀ ମୋଦି ସର୍ବଦା ଆହ୍ୱାନ ଦେଇ ଆସିଛନ୍ତି। ସମିତି ଓ ସଦସ୍ୟଙ୍କ ମଧ୍ୟରେ ବାତାବରଣ, ବାୟିତ୍ୱ ପରାୟଣତଃ ସାମୂହିକ ଉଦ୍ୟମ ଆଧୁନିକ ପ୍ରଣାଳୀ ବା ଡିଜିଟାଲରେ କାରବାର ଓ ବିଶ୍ୱାସର ଅଭାବ ପୂବାରୁ କେତେକ କ୍ଷେତ୍ରରେ ସମବାର ବିଫଳ ହେଉଛି। ଏହି ଜିଲ୍ଲାରେ ମତ୍ସ୍ୟଚାଷ ବୃଷନା ଉଦ୍ୟାନକୃଷି, ହରତର କୁଟିରଣା ଓ ପର୍ଯ୍ୟଟନକୁ ସମବାୟ ଆନ୍ଦୋଳନରେ ସାମିଲ ଜରୁରୀ ହୋଇଛି।

ସମ୍ମାନୀତ ଅତି ପ୍ରାୟ କହିଥିଲେ ଯେ ଛୋଟ ହୁଳଟିଏ ଆଗାମୀ ଦିନରେ ବଡ ଓ ଭଲ ସମ୍ପର୍କକୁ ନଷ୍ଟରବକ୍ସ ୬୦୬୦ ୬ ପରିଚାଳନାଗତ ତ୍ରୁଟି ନଥିବାରୁ ଗତ ସମ୍ମାନୀତ ବକ୍ତା ଅତିରିକ୍ତ ନିବଳ ସାହୁ ସମବାୟ ଆନ୍ଦୋଳନରେ ସଦସ୍ୟଙ୍କ କରିଥିଲେ । ସଭାପତି ସାହୁ କରିଥିଲେ ଯେ ସମବାଯକୁ ସୂଚାରୁ ରୂପେ ସଫଳ ତାଷୀ ସୌରଭ ପଟ୍ଟନାୟକ, ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକର ଆଦର୍ଶ କୃଷି ସମବାୟ ସମିତି, ଖବରଦାତା ମଳସରଞ୍ଜନ ମହାନ୍ତି, ସମବାୟତିତ ମମତା ପଣ୍ଡା, ବା ନୃସିଂହ ଚରଣ ମହାନ୍ତି, ଏସଏଚକି କର୍ମକର୍ତ୍ତା ସୁପ୍ତା ସିଂହଙ୍କୁ କେସିସିଏଇ ପକ୍ଷରୁ ସଫଳ ଉଦ୍ୟମୀ ଭାବେ ସମ୍ବଦ୍ଧିତ କରାଯାଇଥିଲା । ସମ୍ପାଦକ ଅରବିନ୍ଦ ସାହୁ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିବା ବେଳେ ଅତିରିକ୍ତ ସମ୍ପାଦକ ମନୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ସଚିବ ଡ. କମଳାକାନ୍ତ ତ୍ରିପାଠୀ, ବିଶିଷ୍ଟ ଅତିଥ୍ ରାଜ୍ୟ ବାର୍ କାଉନସିଲ ସଦସ୍ୟ ଦିନେଶ ରାୟ ସମ୍ମାନିତ ବକ୍ତା ସମବାୟ ସମିତି ସମୂହର ଅତିରିକ୍ତ ନିବନ୍ଧକ ପ୍ରମୋଦ କୁମାର ସାହୁ, ଉପ ସଭାପତି ସାବିନା ପରଦିନ ପ୍ରମୁଖ ଯୋଗ ଦେଇଥିଲେ। ସଭାପତି ସାହୁ କହିଥିଲେ ଯେ, ସମବାୟ ସମିତିକୁ କୃଷି ବ୍ୟତୀତ ଅନ୍ୟ ଉଦ୍ୟୋଗକୁ ପ୍ରୋତ୍ସାହନ ଦେବା ପାଇଁ ଆଇନ ହୋ ଜରୁରୀ। ଇତିମଧ୍ୟରେ ଅବିଭକ୍ତ କଟକ ଜିଲାରେ ୧୩ଟି ଶାଖା ଖୋଲାଯାଇ ୧ ଲକ୍ଷ ୪୭ହଜାର ସଦସ୍ୟ ସାମିଲ କରାଯାଇ ପାରିଛି। ବିଭିନ୍ନ ଯୋଜନାରେ ଅସହାୟ ବ୍ୟକ୍ତି ପରିବାର, ସଂଗଠନକୁ ସହଯୋଗ ଦିଆଯାଇଥିବା ବେଳେ ଶିକ୍ଷା, ଚିକିତ୍ସା କ୍ଷେତ୍ରରେ ଆବଶ୍ୟକ ଅନୁଯାୟୀ ସାହାଯ୍ୟ କରାଯାଉଛି । ଜଗତସିଂହପୁର ଜିଲ୍ଲାର ସଫଳ ଚାଷୀ ସୌରଭ ପଟ୍ଟନାୟକ, ଯାଜପୁର ଜିଲା ବଡ଼ଚଣା ବ୍ଲକର ଆଦର୍ଶ କୃଷି ସମବାୟ ସମିତି, ଖବରଦାତା ମଳୟରଞ୍ଜନ ମହାନ୍ତି, ସମବାୟବିତ ମମତା ପଣ୍ଡା, ଡା ରମେଶ ଚନ୍ଦ୍ର ରାୟ, ସମବାୟବିତ ନୃସିଂହ ଚରଣ ମହାନ୍ତି, ବରଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ସପ୍ତା ସିଂହଙ୍କୁ କେସିସିଏଲ ପକ୍ଷରୁ ସମ୍ବଦ୍ଧିତ କରାଯାଇଥିଲା । ସମ୍ପାଦକ ଅରବିନ୍ଦ ସାହୁ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିବା ବେଳେ ଅତିରିକ୍ତ ସମ୍ପାଦକ ମନୋଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇନର ଊର୍ଦ୍ଧ୍ୱରେ କେହି ନୁହେଁ: ସମବାୟ ୟୁନିଅନ ପରିଚାଳନା କମିଟିର ନିଷ୍ପତ୍ତିକୁ ସମ୍ମାନ ଦେଲେ ସମବାୟ ସଚିବ

ଭୁବନେଶ୍ୱର: ରାଜ୍ୟ ସମବାୟ ୟୁନିଅନ ପରିଚାଳନା କମିଟିର ବୈଧ ଓ ଗଣତାନ୍ତ୍ରିକ ନିଷ୍ପତ୍ତିକୁ ସମ୍ମାନ ଦେଇ ସମବାୟ ବିଭାଗର ସଚିବ ଶ୍ରୀ ରାଜେଶ ପ୍ରଭାକର ପାଟିଲ, ଓଇଝ ଏକ ସ୍ୱଷ୍ଟ ଓ ସ୍ୱାଗତଯୋଗ୍ୟ ପ୍ରଶାସନିକ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। ସମବାୟ ୟୁନିଅନର ପରିଚାଳନା କମିଟି ହେଉଛି ସମବାୟ ସଂସ୍ଥାର ଗଣତାନ୍ତ୍ରିକ ନିଷ୍ପତ୍ତି ନେବାର ଏକ ପ୍ରମୁଖ ଅଙ୍ଗ। ଏହାର ବୈଧ ନିଷ୍ପତ୍ତିକୁ ସମ୍ମାନ ଦେବା ଅର୍ଥ ହେଉଛି ସମବାୟର ସ୍ୱାୟତ୍ତତା, ଗଣତାନ୍ତ୍ରିକ ପରମ୍ପରା ଏବଂ ଆଇନର ଶାସନକୁ ସମ୍ମାନ ଦେବା ।ସଚିବଙ୍କ ଏହି ପଦକ୍ଷେପ ପୁଣିଥରେ ସ୍ୱଷ୍ଟ କରିଛି ଯେ ପଦ, ପ୍ରଭାବ କିମ୍ବା ପ୍ରଶାସନିକ କ୍ଷମତା ଯେତେ ବଡ଼ ହେଉନା କାହିଁକି, କେହି ମଧ୍ୟ ଆଇନର ଊର୍ଦ୍ଧ୍ୱରେ ନୁହନ୍ତି ।ସମବାୟ କ୍ଷେତ୍ରରେ ନିର୍ବାଚିତ ପରିଚାଳନା କମିଟିର ଅଧିକାରକୁ ଦୁର୍ବଳ କରିବା, ନିଷ୍ପତ୍ତିକୁ ଅଣଦେଖା କରିବା କିମ୍ବା ପ୍ରଶାସନିକ ପ୍ରଭାବ ମାଧ୍ୟମରେ ସମବାୟର ସ୍ୱାୟତ୍ତତାକୁ କ୍ଷୁଣ୍ଣ କରିବାର କୌଣସି ପ୍ରୟାସ ଗ୍ରହଣୀୟ ନୁହେଁ। ସମବାୟରେ ବ୍ୟକ୍ତି ନୁହେଁ, ଆଇନ ଓ ନିୟମ ହିଁ ସର୍ବୋପରି। ଏହି ନିଷ୍ପତ୍ତି ସମବାୟ କ୍ଷେତ୍ରରେ ଏକ ସକାରାତ୍ମକ ଓ ଦୃଢ଼ ବାର୍ତ୍ତା ଦେଇଛି—"ଆଇନ ସମସ୍ତଙ୍କ ପାଇଁ ସମାନ ଏବଂ ଆଇନର ଊର୍ଦ୍ଧ୍ୱରେ କେହି ନୁହେଁ। "ରାଜ୍ୟ ସମବାୟ ୟୁନିଅନ ପରିଚାଳନା କମିଟି ପକ୍ଷରୁ ସମବାୟ ସଚିବ ଶ୍ରୀ ରାଜେଶ ପ୍ରଭାକର ପାଟିଲ, IASଙ୍କୁ ତାଙ୍କର ନିରପେକ୍ଷ, ଆଇନସମ୍ମତ ଓ ଗଣତାନ୍ତ୍ରିକ ଆଭିମୁଖ୍ୟ ପାଇଁ ହାର୍ଦ୍ଦିକ ଅଭିନନ୍ଦନ, କୃତଜ୍ଞତା ଓ ଶୁଭେଚ୍ଛା ଜ୍ଞାପନ କରାଯାଉଛି।

## ୫୮ଟି ଶୀତଳ ଭଣ୍ଡାର ପାଇଁ ୨୫୨ କୋଟି ବରାଦ: ଶୀତଳ ଭଣ୍ଡାର ନିର୍ମାଣ କାମ ମନ୍ଥର

ଭୁବନେଶ୍ୱର: ରାଜ୍ୟରେ ଶୀତଳ ଭଣ୍ଡାର ନିର୍ମାଣକୁ ନେଇ ସରକାରୀ ଘୋଷଣା ଓ ବାସ୍ତବ ସ୍ଥିତି ମଧ୍ୟରେ ଥିବା ବ୍ୟବଧାନ ନେଇ ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଅଧିକାରୀଙ୍କୁ ପ୍ରଶ୍ନ କରିଛନ୍ତି । କୃଷି ଭବନରେ ଆୟୋଜିତ ଉଦ୍ୟାନ କୃଷି ଅଧିକାରୀମାନଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଅଧିକାରୀଙ୍କ ଉପରେ ପ୍ରବଳ ଅସନ୍ତୋଷ ପ୍ରକାଶ କରି କଡ଼ା ତାଗିଦ୍ କରିଛନ୍ତି। ୫୮ଟି କୋଲଡ ଷ୍ଟୋରେଜ ହେବ ନେଇ ସରକାର ଘୋଷଣା କରିଥିଲେ ହେଲେ ମାତ୍ର ପୁରାରେ ଗୋଟିଏ ହେବାକୁ ଯାଉଛି ବୋଲି ଅଧିକାରୀ ଜଣାଇଛନ୍ତି। ଆଉ ୫୭ କୁଆଡେ ଗଲା ବୋଲି ମନ୍ତ୍ରୀ ମଞ୍ଚରେ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ସେହିଭଳି ବିଭାଗୀୟ ଅଧିକାରୀ ଦେଶ ତଥା ଦେଶ ବାହାରକୁ ଉଦ୍ୟାନ କୃଷି ବିଷୟରେ ଟୁର ଯାଉଛନ୍ତି, ସେମାନେ ଆସିବା ପରେ କୌଣସି ରିପୋର୍ଟ ଦେଉ ନାହାନ୍ତି । ଏଥିପ୍ରତି କାହାର ଦାୟିବ ନାହିଁ ବୋଲି ଉପମୁଖ୍ୟମନ୍ତ୍ରୀ ଅସନ୍ତୋଷ ବ୍ୟକ୍ତ କରିବା ସହ ବିଭାଗୀୟ ଖର୍ଚ୍ଚ ଏବଂ ଗସ୍ତ ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣ ରଖିବା ବେଳେ ଅଧିକାରୀଙ୍କ ଉପରେ ଅସନ୍ତୋଷ ପ୍ରକାଶ କରି କହିଥିଲେ ଯେ, ସରକାର ବିଭିନ୍ନ ଯୋଜନା ପାଇଁ ବଜେଟ୍ ବଢ଼ାଉଥିବା ସତ୍ତ୍ୱେ କାମ ହେଉନାହିଁ। କୃଷି ବିଭାଗର ବଜେଟ୍ ୭ ହଜାର କୋଟିରୁ ୧୫ ହଜାର କୋଟି ଟଙ୍କାକୁ ବଢ଼ାଯାଇଛି, କିନ୍ତୁ ତାହାର ପ୍ରଭାବ କ୍ଷେତ୍ର ସ୍ତରରେ ଦେଖାଯାଉନଥିବାରୁ ସେ ଅଧିକାରୀଙ୍କ କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇଛନ୍ତି। ସରକାରଙ୍କୁ ଅନ୍ଧାରରେ ନରଖି ସଠିକ୍ ରିପୋର୍ଟ ଦେବାକୁ ଉପମୁଖ୍ୟମନ୍ତ୍ରୀ ତାଗିଦ କରିଛନ୍ତି। ସରକାରଙ୍କୁ ଯଦି ଅନ୍ଧାରରେ ରଖିବେ ତାହେଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଚେତାଇ ମଧ୍ୟ ଦେଇଛନ୍ତି । ଉପମୁଖ୍ୟମନ୍ତ୍ରୀ ଅଧିକାରୀଙ୍କ ଉପରେ ରାଗିଯାଇ କହିଥିଲେ ଯେ, ରାଜ୍ୟ ସରକାର ରବର ଷ୍ଟାମ୍ପ ନୁହନ୍ତି କି, ସେ ରବର ଷ୍ଟାମ୍ପ ନୁହଁନ୍ତି। କେବଳ ଗୋଟିଏର ନିର୍ମାଣ କାର୍ଯ୍ୟ ଜାରି ରହିଥିବା ବିଭାଗୀୟ ସଚିବ ସଚିନ ରାମଚନ୍ଦ୍ର ଯାଦବ ସୂଚନା ଦେଇଥିଲେ। ଏହାକୁ ଉଦ୍ଧୃତ କରି ମନ୍ତ୍ରୀ କହିଛନ୍ତି ଯେ ଶୀତଳଭଣ୍ଡାର ନିର୍ମାଣ କରିବା ପାଇଁ ସରକାର ପ୍ରତିଶ୍ରୁତି ଦେଇଛନ୍ତି ଓ ତେଣୁ ଏହାର ନିର୍ମାଣ ସମ୍ପର୍କରେ ସାଧାରଣ ଲୋକଙ୍କଠାରୁ କ୍ୟାବିନେଟ୍ ବୈଠକରେ ସେ ପ୍ରଶ୍ନର ସମ୍ମୁଖୀନ ହେଉଛନ୍ତି। ମାତ୍ର ଅଧିକାରୀମାନେ ସରକାରଙ୍କ ନିର୍ଦ୍ଦେଶକୁ ସଠିକ୍ ସମୟରେ ପାଳନ କରୁନାହାନ୍ତି ଓ ଦାୟିତ୍ୱରେ ଖୋଲାପ କରୁଥିବା ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଚେତାବନୀ ଦେଇଛନ୍ତି ଓ ସୂଚନାଯୋଗ୍ୟ, ଚାଷୀଙ୍କ ଅମଳକୁ ସୁରକ୍ଷିତ ରଖିବା ପାଇଁ ସମସ୍ତ ଉପଖଣ୍ଡରେ ୫୮ଟି ନୂଆ ଶୀତଳଭଣ୍ଡାର ନିର୍ମାଣ କରିବାକୁ ସରକାର ଘୋଷଣା କରିଥିଲେ। ଏଥିପାଇଁ ୨୫୨ କୋଟି ଟଙ୍କା ବ୍ୟୟବରାଦ ମଧ୍ୟ ହୋଇଛି । ସରକାରକୁ ୨ବର୍ଷ ପୁରିଲାଣି। ହେଲେ କେହି ଉଦ୍ୟାନ କୃଷି ଅଫିସର ଦେଶ ତଥା ଦେଶ ବାହାରକୁ ଉଦ୍ୟାନ କୃଷି ବିଷୟରେ ଟୁର ଯାଉଛନ୍ତି, ସେମାନେ ଆସିବା ପରେ କୌଣସି ରିପୋର୍ଟ ଦେଉ ନାହାନ୍ତି। ବିଭାଗର ବଜେଟ ୭ ହଜାର କୋଟି ଟଙ୍କାର ବଜେଟକୁ ୧୫ ହଜାର କୋଟି ଟଙ୍କାକୁ ବୃଦ୍ଧି କରାଗଲା।

## କୃଷି କ୍ଷେତ୍ରରେ ଆଧୁନିକ ପ୍ରଯୁକ୍ତିର ବ୍ୟବହାର




ସାନକେରକୋ: ଆଧୁନିକ କୃଷି ପ୍ରଣାଳୀ ଜରିଆରେ କୃଷି କାର୍ଯ୍ୟକୁ ଅଧିକ ସହଜ ଓ ସମୟୋପଯୋଗୀ କରିବା ଦିଗରେ ସାନକେରକୋ **LAMPCS** ର ଅଭିନବ ପଦକ୍ଷେପ । କୃଷି କ୍ଷେତ୍ରରେ ଆଧୁନିକ ପ୍ରଯୁକ୍ତିର ବ୍ୟବହାରକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ସାନକେରକୋ **LAMPCS** ପକ୍ଷରୁ ଏକ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। ସମିତି ଅଧୀନରେ ଥିବା ଚାଷୀଙ୍କ ପ୍ରାୟ ୧୦ ଏକର ଧାନ ଚାଷ ଜମିରେ ଡ୍ରୋନ୍ ପ୍ରଯୁକ୍ତି ବ୍ୟବହାର କରି ନାନୋ ଫର୍ଟିଲାଇଜର (**Nano Fertilizer**) ସିଞ୍ଚନ କରାଯାଇଛି । ଏହି ଆଧୁନିକ ପ୍ରଯୁକ୍ତି ମାଧ୍ୟମରେ କମ୍ ସମୟ ଓ କମ୍ ଖର୍ଚ୍ଚରେ ସଠିକ୍ ପରିମାଣରେ ସାର ପ୍ରୟୋଗ ସମ୍ଭବ ହେଉଛି। ଏହା ଦ୍ୱାରା ସାରର ଅପଚୟ ହ୍ରାସ ପାଇବା ସହ ଫସଲର ଗୁଣାତ୍ମକ ମାନ ଓ ଉତ୍ପାଦନ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

ସାନକେରକୋ **LAMPCS** ର ଏହି ପଦକ୍ଷେପ ସ୍ଥାନୀୟ ଚାଷୀମାନଙ୍କୁ ଆଧୁନିକ କୃଷି ପ୍ରଣାଳୀ ଆପଣେଇବା ପାଇଁ ପ୍ରେରଣା ଯୋଗାଇବା ସହ ରାଜ୍ୟରେ ସ୍ମାର୍ଟ ଓ ବୈଜ୍ଞାନିକ କୃଷି ବ୍ୟବସ୍ଥାର ପ୍ରସାରରେ ସହାୟକ ହେବ ।

# ସମବାୟ ସମିତି ପାକ୍ସ ଓ ଲ୍ୟାମ୍ପସ୍ ଗୁଡ଼ିକରେ ତାଲାମାରି ବିକ୍ଷୋଭ କଲେ ଚାଷୀ

ସମ୍ବଲପୁର: ସମ୍ବଲପୁର ଜିଲ୍ଲାରେ 'ଏଗ୍ରିଷ୍ଟାକ୍'କୁ ଜୋରଦାର ବିରୋଧ କରି ତାଲାମାରି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବରେଇପାଲି ମାର୍କେଟ୍‌ୟାର୍ଡରେ ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ବୈଠକରେ ନିଷ୍ପତ୍ତି ଅନୁଯାୟୀ, 'ଏଗ୍ରିଷ୍ଟାକ୍' ପ୍ରତ୍ୟାହାର ଏବଂ ଭାଗ ଚାଷୀଙ୍କ ଆଇରିସ୍ ସ୍କାନିଂ ବ୍ୟବସ୍ଥା ଉଠାଇବା ଦାବିରେ ସାଂକେତିକ ଆନ୍ଦୋଳନ କରାଯାଇଥିଲା । ଜିଲ୍ଲାର ସମସ୍ତ ସମବାୟ ସମିତି ପାକ୍ସ ଓ ଲ୍ୟାମ୍ପସ୍ ଗୁଡ଼ିକରେ ଚାଷୀମାନେ ତାଲାମାରି ବିକ୍ଷୋଭ କରିଥିଲେ। ଦିନିକିଆ ଆନ୍ଦୋଳନରେ ସମବାୟ ସମିତି ଗୁଡ଼ିକର କାର୍ଯ୍ୟ ଠପ୍ ହୋଇ ଯାଇଥିଲା। କୌଣସି ପଞ୍ଜୀକରଣ କିମ୍ବା ଅନ୍ୟ କାର୍ଯ୍ୟ ହୋଇ ପାରି ନ ଥିଲା। କୃଷକ ସୁରକ୍ଷା ସଙ୍ଗଠନର ଦାବିଗୁଡ଼ିକ ପୂର ଣ ନହେଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସମ୍ବଲପୁର ଜିଲ୍ଲାରେ ଧାନ କିଣାବିକା ପାକ୍ସ ଓ ଲ୍ୟାମ୍ପସ୍‌ରେ ଗତ ୬ ତାରିଖରୁ ପଞ୍ଜୀକରଣ ଆରମ୍ଭହୋଇଥିବାବେଳେ ଏଗ୍ରିଷ୍ଟାନ୍' ନ ହେଲେ ଧାନ କିଣାବିକା ପାଇଁ ଟୋକନ ମିଳିବନି



ଘୋଷଣାକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ ମୌଖିକ ଭାବେ ଚଳିତ ଖରିଫ୍ ଧାନ କିଣାବିକାରେ ଏହା ଲାଗୁ ହେବନାହିଁ ବୋଲି ସମବାୟ ମନ୍ତ୍ରୀ ମତବ୍ୟକ୍ତ କରୁଥିବାବେଳେ ରାଜସ୍ୱ ମନ୍ତ୍ରୀ ଏହି 'ଏଗ୍ରିଷ୍ଟାକ୍' ପ୍ରକ୍ରିୟା ଜାରି ରହିବ ବୋଲି କହିଛନ୍ତି । ଅନ୍ୟପକ୍ଷରେ, ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ ଆସନ୍ତା ୩୧ ତାରିଖରେ ଶେଷ ହେଉଥିବାବେଳେ ଜିଲ୍ଲାର ୬୦ ହଜାର ଚାଷୀଙ୍କ ମଧ୍ୟରୁ ମାତ୍ର ୮ରୁ ୧୦ ପ୍ରତିଶତ ଆଜି ପର୍ଯ୍ୟନ୍ତ ପଞ୍ଜୀକରଣ କରିପାରିଛନ୍ତି । ସରକାରଙ୍କ 'ଏଗ୍ରିଷ୍ଟାକ୍' ନମ୍ବର ପଞ୍ଜୀକରଣ ସକାଶେ ନିଜସ୍ୱ ପଟ୍ଟା ଓ ଅନ୍ୟ ସମସ୍ୟା ଅବାରୁ ଚଳିତବର୍ଷ ସମ୍ବଲପୁର ଜିଲ୍ଲାର ପ୍ରାୟ ୭୦ ପ୍ରତିଶତରୁ ଉର୍ଦ୍ଧ୍ୱ ଚାଷୀଟୋକନ ପାଇବାରୁ ବଞ୍ଚିତ ହେବେ ବୋଲି ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ବ୍ୟୋମକେଶ ଠାକୁର ଆଶଙ୍କା ପ୍ରକାଶ କରିଛନ୍ତି । ଆନ୍ଦୋଳନରେ ଜିଲ୍ଲାର ସମସ୍ତ ଉପଖଣ୍ଡ - ସଦର, କୁଚିଣ୍ଡା ଓ ରେଢ଼ାଖୋଲର ପ୍ରତିଟି ସମବାୟ ସମିତି ଅଧୀନ ଅଞ୍ଚଳର ଚାଷୀ ସାମିଲ ହୋଇଥିଲେ। ସମ୍ବଲପୁର ଜିଲ୍ଲାର ସମସ୍ତ ୫୪ଟି ପ୍ରାଥମିକ କୃଷି ସମବାୟ ସମିତି / ବୃହତ୍‌କାୟ ଆଦିବାସୀ ବହୁମୁଖୀ ସମବାୟ ସମିତି (ଲ୍ୟାମ୍ପସ୍)ରେ ଚାଷୀମାନେ ପିକେଟିଂ କରି ତାଲା ମାରି ଦେଇଥିଲେ । ଚାଷୀମାନଙ୍କ ମୁଖ୍ୟ ଦାବିଗୁଡ଼ିକ ହେଲା- ଧାନ କିଣାବିକାରୁ 'ଏଗ୍ରିଷ୍ଟାକ୍' ନମ୍ବରକୁ ସମ୍ପୂର୍ଣ ରୂପେ ଇଚ୍ଛେଦ କରାଯାଉ, ଭାଗଚାଷୀଙ୍କ ପଞ୍ଜୀକରଣ ସମୟରେ ଜମି ମାଲିକଙ୍କ ଆଇରିସ୍ ସ୍କାନିଂ ବାଧ୍ୟତାମୂଳକ ନ କରାଯାଉ ଏବଂ ପଞ୍ଜୀକରଣ କରାଯାଇଥିବା ସମସ୍ତ ଧାନ ରାଜ୍ୟସରକାର କ୍ରୟ କରନ୍ତୁ। ସରକାର ଏହି ପ୍ରସଙ୍ଗରେ ଲିଖିତ ପ୍ରତିଶ୍ରୁତି ନ ଦେଲେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି କୃଷକ ସଙ୍ଗଠନ ପକ୍ଷରୁ କୁହାଯାଇଛି। ଏହି ଦାବି ଗୁଡ଼ିକ ନେଇ, ସାଂକେତିକ ଭାବେ, ଆଜି ସମବାୟ ସମିତି ଗୁଡ଼ିକୁ ଗୋଟିଏ ଦିନପାଇଁ ତାଲାବନ୍ଦ କରାଯାଇଥିଲା ଓ ଆସନ୍ତା ୧୬ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ସେହିଦିନ ସମ୍ବଲପୁରର ଖଲିଆପାଲି ମାର୍କେଟ୍‌ୟାଡରୂଠାରେ ଏକ ବିଶାଳ ପ୍ରତିବାଦ ସଭା ଅନୁଷ୍ଠିତ ହେବ ବୋଲି ଜଣାପ ଡ଼ିଛି। ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି ପୂର୍ବବର୍ଷ ଗୁଡ଼ିକ ଭଳି ପି- ପାସ୍‌ରେ ଯଦି ଖରିପ୍ ଧାନସଂଗ୍ରହ ପଞ୍ଜୀକରଣ କରାଯିବ ଏବଂ 'ଏଗ୍ରିଷ୍ଟାକ୍' ନମ୍ବରକୁ ଧାନ କିଣାବିକାରେ ଯଦି ଯୋଡ଼ା ନ ଯିବ ତେବେ, ଚାଷୀ ସଙ୍ଗଠନ ଆସନ୍ତା ୧୬ ତାରିଖ ବୈଠକରେ ଏହା ଉପରେ ବିଚାର ବିମର୍ଷ କରି ନିଶ୍ୱରି ନେବ। ଅନ୍ୟ ପୂର୍ବବତ୍ ' ଏଗ୍ରିଷ୍ଟାକ୍' କାର୍ଯ୍ୟ ଜାରି ରହେ ତେବେ ସମ୍ବଲପୁର ଜିଲ୍ଲାରେ ଆନ୍ଦୋଳନକୁ ବ୍ୟାପକ କରାଯିବ।

## ମୂରବୀଶୂନ୍ୟ ବୈଶିଙ୍ଗା ସମବାୟ ସମିତି

ବୈଶିଙ୍ଗା: ଋଷୀମାନଙ୍କ ଅଂଶଧନ ଜମାକୁ ନେଇ ଗଠିତ ବୈଶିଙ୍ଗା ବୃହଦାକାର ବହୁମୂଖୀ ସମବାୟ ସମିତି ଏବେ ମୂରବୀଶୂନ୍ୟ ପାଲଟି ଯାଇଛି । ସ୍ୱାଧୀନତା ପରେ ପ୍ରଥମେ ଯେତେବେଳେ ଏହି ସମବାୟ ସଂସ୍ଥା ଗଠିତ ହେଲା ସେତେବେଳେ ଏହାର ନାମ ଥିଲା ଗ୍ରେନ ଗୋଲା । ପର୍ଯ୍ୟାୟକ୍ରମେ ଏହି ସମବାୟ ସଂସ୍ଥା ବୃହଦାକାର ବହୁମୂଖୀ ସମବାୟ ସମିତି ନାମରେ ନାମିତ ହେଲା । ସରକାରୀ ସ୍ତରରେ ଜଣେ ପରିସ୍ଖଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତ ଦିଆଗଲା । ଏହାର ତିନୋଟି ଶାଖା ଭାବେ ପୁରୁଣିଆ, ପାଟଳି ପୁରା, ଗଡଦେଉଳିଆରେ ତିନିଜଣ ଶାଖା ମୁଖ୍ୟ ସହିତ କର୍ମଋରୀମାନଙ୍କୁ ନିଯୁକ୍ତ କରାଗଲା । ଋଷୀମାନେ ଋଣ ନେଇ ନିଜ ଋଷ କାର୍ଯ୍ୟରେ ଲଗାଇ ଉପକୃତ ମଧ୍ୟ ହେଲେ ।

ସରକାରୀ ସବସିଡ଼ିରେ ବିହନ, ସାର, କୃଷି ଯନ୍ତ୍ରପାତି ମଧ୍ୟ ପ୍ରଦାନ କରାଗଲା । ପ୍ରତି ତିନି ବର୍ଷରେ ଥରେ ଡାଇରେକଟର ନିର୍ବାଚନ ହୁଏ । ସେଥି ମଧ୍ୟରୁ ଜଣଙ୍କୁ ସଭାପତି ବଛା ଯାଇଥାଏ । ଏହାପରେ ଗଲେ ହରିଲୁଟ । ଚାଷୀଙ୍କ ଠାରୁ ଧାନ କିଣାରେ କଟଣି ଛଟଣି ନାମରେ ରୋଜଗାର ଅର୍ଥ ଭାଗ ବଣ୍ଟା ହୁଏ ବୋଲି କେତେକ ଉପଭୋକ୍ତା ପ୍ରକାଶ କରିଛନ୍ତି । ପୁଣି ଚଳିତ ବର୍ଷ ଖରିଫ୍, ଋଷ ପାଇଁ ଅନଲାଇନ୍ ପଞ୍ଜିକରଣ : ତିନି ଦିନ ହେବ ଆରମ୍ଭ ହୋଇଥିଲା ବେଳେ ଶହ ଶହ ଚାଷୀ ସକାଳ ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଲାଇନରେ ଛିଡା । ହୋଇ ରହିଥିବାର ଦେବାକୁ । ମିଳିଛି । ପୁଣି ଯେଉଳି କଟକଣା । ଜାରି କରାଯାଇଛି ତାଦ୍ୱାରା ଚାଷୀ କିପରି ଉପକୃତ ହୋଇପାରିବେ ତାର ନମୁନା ଦେଖିବାକୁ ବାକି ରହିଲା ।

# ଏଗ୍ରିଷ୍ଟାକ୍‌କୁ ପ୍ରତ୍ୟାହାର ଦାବି

## ପ୍ୟାକ୍ସ ସଭାପତି ସଂଗଠନର ଆନ୍ଦୋଳନ ଚେତାବନୀ

ବରଗଡ଼: ବରଗଡ଼ ଉପଖଣ୍ଡସ୍ତରୀୟ ପ୍ରାଥମିକ କୃଷି ସମବାୟ ସମିତି ସଭାପତି ସଂଗଠନର ଏକ ଗୁରୁତ୍ୱପୂର୍ଣ ବୈଠକ ବରଗଡ଼ ଅଗ୍ରଗାମୀ ଯୁବକ ସଂଘଠାରେ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଗୋବିନ୍ଦପୁର ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ପ୍ରଫୁଲ୍ଲ କୁମାର ନାୟକଙ୍କ ଆବାହକତ୍ ଓ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରେଢ଼େନ ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ହରିଶଙ୍କର ବେହେରା ସାଗତ ଭାଷଣ ଦେଇଥିଲେ। । ବୈଠକରେ ଅଡ଼ଗାଁ ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଅଶ୍ୱିନୀ ତ୍ରିପାଠୀ, ରବିଶଙ୍କର ପଧାନ, ସରକଣ୍ଡା ପ୍ୟାକୁ ସଭାପତି, ଜୟ ନାରାୟଣ ଅଗ୍ରୱାଲ ସଭାପତି ଭୁଲା ପ୍ୟାକ୍ସ, ମନୋହର ମାଝି, ସଭାପତି ସୋହେଲା ପ୍ୟାଡ଼, ଗଇଧର ରଣା ସଭାପତି ସିଆଇଖଣ୍ଡ ଥା ପ୍ୟାକ୍ସ, ହେମନ୍ତ ପଣ୍ଡା ସଭାପତି କେଶେଇପାଇଁ ପ୍ୟାକ୍ସ, ବିଭାସେନ ସାହୁ ସଭାପତି ଆଗଲପୁର ପ୍ୟାକୁ, ସତ୍ୟନାରାୟଣ ହୋତା ପ୍ରତିନିଧି ପ୍ୟାକ୍ସ, ଜୟଦେବ ଗଡ଼ତିଆ – ସଭାପତି ସରସରା ପ୍ୟାକ୍ସ ପ୍ରମୁଖ ଚାଷୀମାନଙ୍କ ବିବିଧ ସମସ୍ୟା ତଥା ପ୍ୟାକ୍ସମାନଙ୍କ ବହୁବିଧ ସମସ୍ୟା ଉପରେ ଆଲୋଚନା କରିଥିଲେ । ବର୍ତ୍ତମାନ ଧାନ ବିକ୍ରି ପାଇଁ ରେଜିଷ୍ଟ୍ରେସନ ଚାଲିଥିବା ଏବଂ ସରକାର ନୂତନ ଭାବରେ ଲାଗୁ କରିଥିବା ଏଗ୍ରି ଷ୍ଟେକର ବିଭିନ୍ନ ଦିଗ ଉପରେ ଆଲୋଚନା କରି ଏହାକୁ ସଂପୂର୍ଣ ପ୍ରତ୍ୟାହାର କରିବା ପାଇଁ ଆନ୍ଦୋଳନ କରିବାକୁ ନିଷ୍ପରି । ନିଆଯାଇଛି । କୀଟନାଶକର ଅହେତୁକ ଦରବୃଦ୍ଧି ତଥା ବରଗଡ଼େର ଦିନକୁ ଦିନ ଲଗାଇବା ପାଇଁ ସରକାର ପଦକ୍ଷେପ ନେବାକୁ ଦାବି ହୋଇଥିଲା ।



ନକଲି କୀଟନାଷକର ବିକ୍ରି ଉପରେ ରୋକ ପ୍ୟାକ୍ସରେ ଗଚ୍ଛିତ ଥିବା ଧାନବିକ୍ରୟ କମିସନ ଟଙ୍କାକୁ ପ୍ୟାକ୍ସର ବିଭିନ୍ନ ଉନ୍ନୟନ କାମ ତଥା ଭିତି ଭୂମିର ବିକାଶରେ ଖର୍ଚ୍ଚ କରିବାକୁ ଅନୁମତି ଦେବା, ଗ୍ୟାକ୍ସରେ ବିଭିନ୍ନ ପଦବୀ ନିଯୁକ୍ତି ପାଇଁ ପ୍ୟାଚକୁ କ୍ଷମତାଦେବା ପାଇଁ ସରକାରଙ୍କ ଠାରେ ଦାବୀ ରଖିବା ପାଇଁ ପ୍ରସ୍ତାବ ନିଆଗଲା । ଆଗାମି ୧୯ ତାରିଖ ଦିନ ଦରଗଡ଼ ଜିଲ୍ଲାର ସମସ୍ତ ପ୍ୟାକ୍ସ ସଭାପତିଙ୍କୁ ନେଇ ଏକ ବୈଠକ କରିବା ଏବଂ ଏ ସମନ୍ଧରେ ଚୂଡ଼ାନ୍ତ ନିଷ୍ପତ୍ତି ନେବା ପାଇଁ ନିଷ୍ପତି ନିଆଗଲା । ଏଥିପାଇଁ ପ୍ରତ୍ୟେକ ବ୍ଲକରୁ ଦୁଇଜଣ ସଭାପତିଙ୍କୁ ନେଇ ଏକ କୋର କମିଟି ଗଠନ କରାଗଲା । ବରଗଡ଼ ବ୍ଲକରୁ ପ୍ରଫୁଲ୍ଲ ନାଏକ, ଅଶ୍ୱିନୀ ତ୍ରୀପାଠୀ, ଲେଡେନ ବ୍ଲକରୁ ହରିଶଙ୍କର ବେହେରା, ସୁରେନ୍ଦ୍ର କର୍ମି, ବରପାଲି ବ୍ଲକରୁ ଜୁନାଇ ଭୋଇ, ବୀରାସେନ ସାହୁ, ଅତାବିରାରୁ ଶିଦ୍ଧାର୍ଥ ଶଙ୍କର ପଣ୍ଡା, କେ, ରାମବାବୁ, ଅମ୍ବାଇନାରୁ ସତ୍ୟଭୂଷଣ ସାହୁ, ଜୟନାରାୟଣ ଅଗ୍ରୱାଲ, ଭଟଲିରୁ ହେମନ୍ତ ପଣ୍ଡା, ସୋହେଲାରୁ ମନୋହର ମାଝି, ରବିଶଙ୍କର ପଧାନ, ଗାଇସିଲେଟରୁ କ୍ଷୀରୋଦ୍ର ସାହୁ, ହେମାନନ୍ଦ ସାହୁ ପ୍ରମୁଖଙ୍କୁ ମନୋନୀତ କରାଯାଇଛି । ପରେ ସମସ୍ତ ସଭାପତି ସମୂହ ବରଗଡ଼ ଡିଆର୍‌ସିଏସ୍ ଯୁଗଲ ଦାଶଙ୍କୁ ରେଟି ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦେଇଥିଲେ ।

## ପଞ୍ଜୀକରଣରୁ ବଞ୍ଚିତ ହେବେ ଭାଗଚାଷୀ ଓ ଜମିହୀନ ଚାଷୀ !

ଭୁବନେଶ୍ୱର/ନୟାଗଡ଼: ରାଜ୍ୟ ସରକାର ଚଳିତ ଖରିଫ ଋତୁ ପାଇଁ ଧାନ ବିକ୍ରି ନିମନ୍ତେ ଚାଷୀ ପଞ୍ଜିକରଣରେ ନୂଆ ପଇନ୍‌ଭାଇନା ଲାଗୁ କରିଥିବାବେଳେ ଏହାକୁ ନେଇ ରାଜ୍ୟବ୍ୟାପୀ ଅସନ୍ତୋଷ ଦେଖାଦେଇଛି। ଚାଷ କରୁଥିବା ଦକ୍ଷକ ଏବଂ ନିଜ ନାମରେ ଜମି ନଥିବା ଚାଷୀମାନେ ପଞ୍ଜିକରଣରୁ ବାଦ ପଡ଼ିପାରନ୍ତି ବୋଲି ବିଭିନ୍ନ କୃଷକ ସଂଗଠନ ଆଶଙ୍କା ପ୍ରକାଶ କରିଛନ୍ତି। ଏପରିକି ଏହାକୁ 'କୃଷକ ମାରଣ ନୀତି ବୋଲି ବିରୋଧୀ ମହଲ ଅଭିହିତ କରିଛି।

ସାଧାରଣତଃ ପ୍ରତିବର୍ଷ ଜୁଲାଇ ୧୫ରୁ ପ୍ୟାକ ମାଧମରେ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜିକରଣ ଆରମ୍ଭହୋଇଥାଏ। ମାତ୍ର ଚଳିତ ବର୍ଷ ଏହା ବିଳମ୍ବରେ ଆରମ୍ଭ ହେବା ସହ ସରକାର ନୂତନ ନିୟମାବନା ଲାଗୁ କରିଛନ୍ତି। ଏହି ନିୟମ ଅନୁଯାୟୀ ଚାଷୀଙ୍କୁ କୃଷକ ରେଜିଷ୍ଟ୍ରି ସଂଖ୍ୟା ଆଧାରରେ ପଞ୍ଜିକରଣ କରିବାକୁ ପଡ଼ିବ । ଫଳରେ ବହୁ ବର୍ଷ ଧରି ପୈତୃକ ଜମିରେ ଚାଷ କରୁଥିବା ହଜାର ହଜାର ପରିବାର ଗୁରୁତର ସମସ୍ୟାରେ ପଡ଼ିବେ ବୋଲି କୁହାଯାଉଛି। ଅନେକ କ୍ଷେତ୍ରରେ ଜମି ଏପର୍ଯ୍ୟନ୍ତ ମୃତଜେଜେବାପା କିମ୍ବା ଜେଜେମାଙ୍କ ନାମରେ ରହିଥିବାବେଳେ ବର୍ତ୍ତମାନ ତୃତୀୟ ପିଢ଼ି ସେହି ଜମିରେ ଚାଷ କରୁଛନ୍ତି । ନୂଆ ବ୍ୟବସ୍ଥାରେ ସେମାନେ କିପରି ପଞ୍ଜିକରଣ କରିବେ, ତାହାକୁ ନେଇ ପ୍ରଶ୍ନଉଠିଛି ।

ସେହିପରି ଯୁଗ୍ମମାଲିକାନାରେ ଥିବା ଜମି ଏବଂ ପରିବାର ମଧ୍ୟରେ ମାଲିକାନା ବିବାଦ ଅବା ଜମିର ପଞ୍ଜିକରଣ ମଧ୍ୟ ଜଟିଳ ହୋଇପାରେ। ଭାଗବାଷୀଙ୍କ ପାଇଁ ମଧ୍ୟ ନୂଆ ନିୟମ ବଡ଼ ସମସ୍ୟା ସୃଷ୍ଟି କରିଛି। ପୂର୍ବରୁ ଜମି ମାଲିକଙ୍କ ସହମତିପତ୍ର ଆଧାର କାର୍ଡ ଆଧାରରେ ସେମାନେ ପଞ୍ଜିକରଣ । ହରିପାରୁଥିଲେ । କିନ୍ତୁ ବର୍ତ୍ତମାନ ଜମି ମାଲିକଙ୍କ ବାୟୋମେଟ୍ରିକ୍ ଯାଞ୍ଚ କିମ୍ବା ପ୍ରତ୍ୟକ୍ଷ ଉପସ୍ଥିତିକୁ ବାଧ୍ୟତାମୂଳକ କରାଯାଇଥିବାରୁ ଭାଗଚାଷୀଙ୍କ ପାଇଁ ପଞ୍ଜିକରଣ କରିବା ପ୍ରାୟ ଅସମ୍ଭବ ହୋଇପଡ଼ିବ ବୋଲି କୃଷକ ସଂଗଠନମାନେ ଅଭିଯୋଗ କରିଛନ୍ତି।

କୃଷକ ନେତାମାନଙ୍କ ମତରେ ଏହି ନୂଆ ଗାଇଡ୍‌ଲାଇନ କାର୍ଯ୍ୟକାରୀ ହେଲେ ରାଜ୍ୟର ପ୍ରାୟ ୫୦ ପ୍ରତିଶତ ଚାଷ ଜମି ପଞ୍ଜିକରଣରୁ ବାବ ପଡ଼ିପାରେ । ଫଳରେ ଅନେକ ପ୍ରକୃତ ବାଷୀ ସରକାରଙ୍କ ସର୍ବନିମ୍ନ ସହାୟକ ମୂଲ୍ୟ (**MSP**) ରେ ଧାନ ବିକ୍ରି କରିବାର ସୁଯୋଗ ହରାଇବେ ।

## ବଲାଙ୍ଗୀରରେ PACS କର୍ମଚାରୀଙ୍କ ପାଇଁ ସାର ଲାଇସେନ୍ସ ପ୍ରଶିକ୍ଷଣ ଆରମ୍ଭ

ବଲାଙ୍ଗୀର: ବଲାଙ୍ଗୀରସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର (**KVK**) ପରିସରରେ **PACS** କର୍ମଚାରୀଙ୍କ ପାଇଁ ସାର ଲାଇସେନ୍ସ ପ୍ରାପ୍ତି ସମ୍ବନ୍ଧୀୟ ୧୫ ଦିନିଆ ପ୍ରମାଣପତ୍ର ପାଠ୍ୟକ୍ରମର ପ୍ରଥମ ବ୍ୟାଚ୍ ଆରମ୍ଭ ହୋଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୋଟ ୩୦ ଜଣ **PACS** କର୍ମଚାରୀ ଅଂଶଗ୍ରହଣ କରିଛନ୍ତି। **PACS** ମାଧ୍ୟମରେ ଚାଷୀମାନଙ୍କୁ ସାର ଯୋଗାଣ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ସହ କର୍ମଚାରୀମାନଙ୍କୁ ଆବଶ୍ୟକ ବୈଷୟିକ ଜ୍ଞାନ ପ୍ରଦାନ କରିବା ଏହି ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ। ଏହି ପ୍ରମାଣପତ୍ର ପାଠ୍ୟକ୍ରମ ଶେଷ ହେବା ପରେ **PACS** କର୍ମଚାରୀଙ୍କ ପାଇଁ ସାର ଲାଇସେନ୍ସ ପ୍ରାପ୍ତି ପ୍ରକ୍ରିୟା ସହଜ ହେବା ସହ ଚାଷୀମାନଙ୍କୁ ସାର ଯୋଗାଣରେ ଅଧିକ ସୁବିଧା ମିଳିବ। କାର୍ଯ୍ୟକ୍ରମରେ **CDAO**, **DRCS**, **KVK** ମୁଖ୍ୟ, **RITE** ପ୍ରିନ୍ସିପାଲ୍, **RRTTS** ଚିପିଲିମାର ସହକାରୀ ଅଧ୍ୟାପକ, **DDH**ଙ୍କ ପ୍ରତିନିଧି ଏବଂ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନେ ଉପସ୍ଥିତ ଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବିଶେଷଜ୍ଞ ଓ ବୈଜ୍ଞାନିକମାନେ ପ୍ରଶିକ୍ଷଣାର୍ଥୀମାନଙ୍କୁ ସାରର ସଠିକ୍ ବ୍ୟବହାର, ସାର ପରିଚାଳନା, କୃଷି ସମ୍ବନ୍ଧୀୟ ବୈଷୟିକ ଜ୍ଞାନ ଓ ଲାଇସେନ୍ସ ସମ୍ବନ୍ଧୀୟ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରିବା ସହ କୃଷି ଇନପୁଟ୍ ଯୋଗାଣ ବ୍ୟବସ୍ଥାକୁ ଆହୁରି ଦକ୍ଷ କରିବାରେ ସହାୟକ ହେବ।







## ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କରେ ୪୮ ପ୍ରତିଶତ କୃଷି ଋଣ ଲଗାଣ

# ଫେରିଯିବ କି ଖରିଫ କୃଷି ଋଣ ଅନୁଦାନ!

ନୟାଗଡ: ଖରିଫ କୃଷି ଋଣ ଲଗାଣରେ ନୟାଗଡ଼ ଜିଲା ରାଜ୍ୟରେ ପଛୁଆ ହୋଇପଡିଛି। ନୟାଗଡ ଜିଲା ପାଇଁ କୃଷି ଋଣ ଲଗାଣ ୩୩୫ କୋଟି ଟଙ୍କା ଟାର୍ଗେଟ ଥିବାବେଳେ ସାଢ଼େ ୪ମାସ ଭିତରେ ୧୫୯କୋଟି ୫୦ଲକ୍ଷ ୭୨ ହଜାର ଟଙ୍କା ଲଗାଣ ହୋଇଛି। ଏଭଳିସ୍ଥଳେ ସେପ୍ଟେମ୍ବର ମାସ କୃଷି ଋଣ ଲଗାଣର ଶେଷ ମାସ ଥିବାରୁ କୃଷିଋଣ ଅନୁଦାନ ଫେରିବାର ଭୟ ଦେଖାଦେଇଛି ବୋଲି ଚର୍ଚ୍ଚା ଓ ଆଲୋଚନା ଚାଲିଛି। ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ସହିତ ଅନୁବନ୍ଧିତ ହୋଇ ରାଜ୍ୟରେ ୧୭ଟି କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) ମାଧ୍ୟମରେ ଚାଷୀଙ୍କୁ ଖରିଫ କୃଷିଋଣ ପ୍ରଦାନ କରୁଛି। ଚଳିତବର୍ଷ କୃଷି ଋଣ ଲଗାଣ ଏପ୍ରିଲ ୧ରୁ ଆରମ୍ଭ ହୋଇଥିବାବେଳେ ସେପ୍ଟେମ୍ବରରେ ଶେଷ ହେବ ଇତିମଧ୍ୟରେ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ମାତ୍ର ୪୮ ପ୍ରତିଶତ କୃଷି ଋଣ ଲଗାଣ ହୋଇଛି। ଜିଲାର ୩୬ ହଜାର ୧୫୯ ଚାଷୀ କୃଷି ଋଣ ନେଇଛନ୍ତି। ତେବେ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ତୁଳନାରେ ରାଜ୍ୟର ଅନ୍ୟ କେନ୍ଦ୍ର ସମବାୟ ବ୍ୟାଙ୍କଗୁଡ଼ିକର ଗଣ ଲଗାଣ ଭଲ ସ୍ଥିତିରେ ରହିଛି। ବାଲେଶ୍ୱର ଓ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ୮୬ ପ୍ରତିଶତ, ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ୮୪ ପ୍ରତିଶତ, କଟକ ୮୩ ପ୍ରତିଶତ, ସମ୍ବଲପୁର କେନ୍ଦ୍ର ସମବାୟ ବ୍ୟାଙ୍କ ୮୨ପ୍ରତିଶତ ଋଣ ଲଗାଣ କରିଛି ରାଜ୍ୟର ଅନ୍ୟ କେନ୍ଦ୍ର ସମବାୟ ବ୍ୟାଙ୍କ ତୁଳନାରେ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ଋଣ ଲଗାଣକୁ ତୁଳନା କଲେ ଚାଷୀଙ୍କ ମଧ୍ୟରେ ଉଦ୍‌ବେଗ ଓ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ସନ୍ନ୍ୟାସୀ ପ୍ରଧାନ କୁହନ୍ତି, ଗତ ଏପ୍ରିଲରୁ ଖରିଫ ଋଣ ଲଗାଣ ଆରମ୍ଭ ହୋଇଥିବାବେଳେ ଆମ ଜିଲାରେ ମାତ୍ର ୪୮ ପ୍ରତିଶତ ଋଣ ଲଗାଣ ହୋଇଛି। ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ଋଣ ଲଗାଣର ସ୍ଥିତିକୁ ଅନୁଧ୍ୟାନ କଲେ ସେପ୍ଟେମ୍ବରରେ ଶତ ପ୍ରତିଶତ ଋଣ ଲଗାଣ ହେବାର ଆଶା ଦେଖାଯାଉନାହିଁ। ନୟାଗଡ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକଙ୍କ ଅପାରଗତାରୁ ଜିଲାର ଚାଷୀମାନେ କୃଷିଋଣ ଠିକ୍‌ରେ ପାଇ ପାରୁନାହାନ୍ତି। ଚଳିତବର୍ଷ ଖରିଫ ଋଣର ସଫଳତା ଚାଷୀ ନେଇ ପାରିବେ ନାହିଁ ବୋଲି ଏବେଠାରୁ ଜଣାପଡିଲାଣି ବୋଲି କହିଛନ୍ତି। ସମବାୟବିତ୍ ବିମଳ ଚନ୍ଦ୍ର ଷଡ଼ଙ୍ଗୀ କୁହନ୍ତି, ପାର୍ଶ୍ୱରେ ବକେୟା କୃଷିଋଣର ପରିମାଣ ବଢ଼ି ଚାଲିବା, ଗଣ ଲଗାଣରେ ପାକ୍ସ ସମ୍ପାଦକଙ୍କ ଅନାଗ୍ରହ, କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ଓ ପରିଚାଳନା ପରିଷଦ ମଧ୍ୟରେ ବିବାଦ, ଧାନ ଚାଷ ଜମି ହ୍ରାସ ପରି କାରଣ ନୟାଗଡ଼ ଜିଲାରେ ଖରିଫ କୃଷି ଋଣର ସଫଳତାକୁ ଛୁଇଁପାରୁନାହିଁ। ପ୍ରଶାସନ ପକ୍ଷରୁ ଏହାର ଠିକ ସମୀକ୍ଷା କରା ନ ଗଲେ ଧୀରେ ଧୀରେ କୃଷି ଋଣ ଲଗାଣ କଷ୍ଟ ଦେଖାଇବ ବୋଲି କହିଛନ୍ତି। ନୟାଗଡର ଚାଷୀ ରଣଜିତ ଦଳବେହେରା କୁହନ୍ତି, ପାକ୍ସଗୁଡିକ ଚାଷୀଙ୍କୁ ନୂଆ କୃଷି ଋଣ ଦେଉନାହାନ୍ତି।

## ଚାଷୀଙ୍କୁ ଧାନ ବିକ୍ରିରେ ଅସୁବିଧା କାହିଁକି ?

### ମୁଖ୍ୟମନ୍ତ୍ରୀଙ୍କୁ ନୟାଗଡ଼ PACS ସଭାପତି ସଂଘର ଦାବି



ନୟାଗଡ଼: ଚାଷୀଙ୍କ ଧାନ ବିକ୍ରୟକୁ ନେଇ ପଞ୍ଜୀକରଣ ପ୍ରକ୍ରିୟାରେ ରହିଥିବା କଠିନ ଓ ଜଟିଳ ସର୍ତ୍ତାବଳୀକୁ ତୁରନ୍ତ ସରଳ କରିବା ଦାବି ଜୋରଦାର ହୋଇଛି। ଏହି ଦାବି ନେଇ ନୟାଗଡ଼ ଜିଲ୍ଲା ପ୍ରାଥମିକ କୃଷି ସେବା ସମବାୟ ସମିତି (PACS) ସଭାପତି ସଂଘ ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ କରାଯାଇଛି । ସଂଘ ପକ୍ଷରୁ କୁହାଯାଇଛି ଯେ ଚାଷୀ ହେଉଛନ୍ତି ସରକାରୀ ବ୍ୟବସ୍ଥାର କେନ୍ଦ୍ରବିନ୍ଦୁ । ଚାଷୀ ନିଜ ଉତ୍ପାଦିତ ଧାନ ବିକ୍ରି କରିବା ପାଇଁ ପଞ୍ଜୀକରଣ କରିବାକୁ ଯାଇ ଯଦି ଅନାବଶ୍ୟକ ନିୟମ ଓ କାଗଜପତ୍ରର ଜଟିଳତାରେ ପଡ଼ନ୍ତି, ତେବେ ଏହା ଚାଷୀଙ୍କ ପାଇଁ ନୁହେଁ, ବରଂ ବ୍ୟବସ୍ଥାର ବିଫଳତା । ବିଶେଷକରି ଛୋଟ ଓ ନାମମାତ୍ର ଚାଷୀ, ଭାଗଚାଷୀ ଏବଂ ଗ୍ରାମାଞ୍ଚଳର ଚାଷୀମାନେ ପଞ୍ଜୀକରଣ ସମୟରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଚାଷୀଙ୍କୁ ସହଯୋଗ କରିବା ପାଇଁ ଗଠିତ PACS ଗୁଡ଼ିକ ମଧ୍ୟ ଏହି ପ୍ରକ୍ରିୟାରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସଂଘ ପ୍ରଶ୍ନ କରିଛି—"ସରକାର ଯଦି ଚାଷୀଙ୍କ ଘରଦ୍ୱାରକୁ ସେବା ପହଞ୍ଚାଇବାକୁ ଚାହୁଁଛନ୍ତି, ତେବେ ଧାନ ବିକ୍ରୟ ପାଇଁ ପଞ୍ଜୀକରଣ ବ୍ୟବସ୍ଥା କାହିଁକି ଚାଷୀଙ୍କ ପାଇଁ ଜଟିଳ ହେବ?" ଚାଷୀଙ୍କ ଧାନ ସରକାରୀ ବ୍ୟବସ୍ଥାରେ ସୁଗମ ଭାବେ ବିକ୍ରି ହେବା, ମଧ୍ୟସ୍ଥଙ୍କ ହସ୍ତକ୍ଷେପ ହ୍ରାସ କରିବା ଏବଂ ଚାଷୀ ଯେପରି ନିଜ ଉତ୍ପାଦିତ ଧାନର ନ୍ୟାୟସଙ୍ଗତ ମୂଲ୍ୟ ପାଇପାରିବେ, ସେଥିପାଇଁ ପଞ୍ଜୀକରଣ ସର୍ତ୍ତାବଳୀକୁ ତୁରନ୍ତ ପୁନଃବିଚାର କରି ସରଳ କରିବାକୁ ସଂଘ ଦାବି କରିଛି। ଚାଷୀଙ୍କ ସମସ୍ୟାକୁ କେବଳ ଘୋଷଣାରେ ନୁହେଁ, ନୀତି ଓ ବ୍ୟବସ୍ଥାରେ ସମାଧାନ କରିବା ଆବଶ୍ୟକ। ଏହି ଦାବି ପ୍ରତି ସରକାର ତୁରନ୍ତ ସକାରାତ୍ମକ ପଦକ୍ଷେପ ନେଇ ପଞ୍ଜୀକରଣ ପ୍ରକ୍ରିୟାରେ ଆବଶ୍ୟକ ସଂଶୋଧନ କରନ୍ତୁ ବୋଲି ନୟାଗଡ଼ ଜିଲ୍ଲା ଚଇଉଝ ସଭାପତି ସଂଘ ଦାବି କରିଛି ।

### ୧୨ତମ ଜାତୀୟ ହସ୍ତତନ୍ତ ଦିବସ ପାଳିତ

# ହସ୍ତତନ୍ତ କେବଳ ଏକ ବସ୍ତ୍ର ନୁହେଁ; ଏହା ଓଡ଼ିଶାର ସମୃଦ୍ଧ ପରମ୍ପରା, ସଂସ୍କୃତି, କଳାକୌଶଳ ଓ ସ୍ୱାଭିମାନର ପ୍ରତୀକ: ରାଜ୍ୟପାଳ

ଭୁବନେଶ୍ୱର:ହସ୍ତତନ୍ତ କେବଳ ଏକ ବସ୍ତ୍ର ନୁହେଁ; ଏହା ଓଡ଼ିଶାର ସମୃଦ୍ଧ ପରମ୍ପରା, ସଂସ୍କୃତି, କଳାକୌଶଳ ଓ ସ୍ୱାଭିମାନର ପ୍ରତୀକଭୁବନେଶ୍ୱର: ଭୁବନେଶ୍ୱରସ୍ଥିତ ଇଡକୋ ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ ୧୨ତମ ଜାତୀୟ ହସ୍ତତନ୍ତ ଦିବସ ସମାରୋହରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟିଙ୍କ ସହ ଯୋଗଦେଇ ରାଜ୍ୟର ବୁଣାକାର ଭାଇଭଉଣୀମାନଙ୍କ ଗୌରବମୟ ସାଧନାକୁ ସମ୍ମାନିତ କରିବାର ସୁଯୋଗ ମିଳିଥିଲା। ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଐତିହ୍ୟର ସୁରକ୍ଷା, ବୁଣାକାରମାନଙ୍କର ସାମାଜିକ ଓ ଅର୍ଥନୈତିକ ଉନ୍ନତି ସହିତ ହସ୍ତତନ୍ତ କ୍ଷେତ୍ରରେ ଆଧୁନିକ ପ୍ରଯୁକ୍ତିର ସମାବେଶ ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ। ଏହି ଅବସରରେ ସୁକିନ୍ଦାରେ ଟସର ସିଲ୍କ ପାର୍କ, ଅଭିମାନପୁରରେ ଇଓ ପାର୍କ, ଜଗତସିଂହପୁରରେ କସ୍ତା ଭବନ, ରାଉତପଡ଼ାରେ ଫ୍ୟାବ୍ରିକ୍ କ୍ୟାଲେଣ୍ଡରିଂ ୟୁନିଟ୍ ଏବଂ ଅହମ୍ମଦାବାଦ ଓ ରଘୁରାଜପୁରରେ 'ରେଶମ୍ ଓଡ଼ିଶା' ଶୋ'ରୁମ୍ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ଓଡ଼ିଶାର ହସ୍ତତନ୍ତ



ଓ କାରିଗରୀକୁ ଜାତୀୟ ତଥା ବିଶ୍ୱ ବଜାର ସହ ଯୋଡ଼ିବା ଏବଂ ସ୍ଥାୟୀ ଫ୍ୟାଶନକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଆମାଜନ କାରିଗର, ଗ୍ରାସିମ୍ ଇଣ୍ଡିଆ ଓ ଜୁବି ଡିଜାଇନର୍ ଷ୍ଟୁଡିଓ ସହିତ ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ସମାରୋହରେ ଜୀବନବ୍ୟାପୀ ସାଧନା ପୁରସ୍କାରପ୍ରାପ୍ତ ଡକ୍ଟର ସୁରେନ୍ଦ୍ର ମେହେରଙ୍କ ସମେତ ଶ୍ରେଷ୍ଠ ବୁଣାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ବିଭାଗୀୟ ବାର୍ଷିକ ରିପୋର୍ଟ ୨୦୨୫-୨୬ ଏବଂ 'କୁସୁମ', 'କରୁଣା ରେଶମ' ଓ **IoT** ପ୍ରଯୁକ୍ତିବିଦ୍ୟା ଆଧାରିତ ସ୍ୱତନ୍ତ୍ର ଭିଡିଓ ମଧ୍ୟ ଉନ୍ମୋଚିତ ହୋଇଥିଲା। ହସ୍ତତନ୍ତ କେବଳ ଏକ ବସ୍ତ୍ର ନୁହେଁ; ଏହା ଓଡ଼ିଶାର ସମୃଦ୍ଧ ପରମ୍ପରା, ସଂସ୍କୃତି, କଳାକୌଶଳ ଓ ସ୍ୱାଭିମାନର ପ୍ରତୀକ। ଆମ ବୁଣାକାର ସମାଜର ପରିଶ୍ରମ ଓ ସୃଜନଶୀଳତାକୁ ସମ୍ମାନ ଦେବା ସହିତ ହସ୍ତତନ୍ତ ଉତ୍ପାଦକୁ ଅଧିକରୁ ଅଧିକ ପ୍ରୋତ୍ସାହନ ଦେବା ଆମ ସମସ୍ତଙ୍କ ଦାୟିତ୍ୱ।

## ହସ୍ତତନ୍ତ ଆମ ସଂସ୍କୃତି ଓ ପରମ୍ପରାର ପ୍ରତୀକ

ବରଗଡ଼: ବୁଣାକାରମାନଙ୍କ ଦକ୍ଷତା ଓ ପରିଶ୍ରମ ଓଡ଼ିଶାର ଗୌରବକୁ ବିଶ୍ୱଦରବାରରେ ପହଞ୍ଚାଇଛି ଓ ସମସ୍ତଙ୍କୁ ହସ୍ତତତ ସାମଗ୍ରୀ ବ୍ୟବହର କରିବା ସହ ଏହାର ପ୍ରଚାର ଓ ପ୍ରସାର ପାଇଁ ସେ ଆହ୍ୱାନ ଜଣାଇ ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ୍ର ପରମ୍ପରର ସୁରକ୍ଷା, ରେଜରର ସୃଷ୍ଟି ଏବଂ ଗ୍ରାମୀଣ କାଟିବା ବିକାଶରେ ହସ୍ତତନ୍ତ୍ର କ୍ଷେତ୍ରର ଭୂମିକା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମଧୁସୂଦା ସାହୁ, ଜିଲ୍ଲା ଲୋକସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖସଲା, ବଛା ଯୁଗ୍ମ ନିର୍ଦ୍ଦେଶକ ତଥା ସମ୍ବଲପୁରୀ ବସ୍ତ୍ରାଳୟର ପରିଚାଳନା ନିର୍ଦ୍ଦେଶକ ଦେବଜିତ ନନ୍ଦୀ, ଜାତୀୟ ପୁରସ୍କାରପ୍ରସ୍ତ ରମକୃଷ୍ଣ ମେହେର, ଜେଏସିସିଏମ୍ କଲେଜର ଅଧ୍ୟକ୍ଷ ସୁଜିତ ରଥଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହିଥିଲେ। ବିଭିନ୍ନ ଅଞ୍ଚଳରୁ ଶତାଧିକ ବୁଣାକାର ଯୋଗ ଦେଇଥିଲେ ।

Printed and Published by Monalisa Das, on behalf of Nirbhika Ama Samabaya Sambad Publications, Published from MB - 83, Badagada Brit Colony, Bhubaneswar-751018, Odisha and Email - sambadsamabaya@gmail.com, Ph. No. (0674) 3522400 Mobile- 6372 495 819, Printed at Om printers,Mancheswar Industrial Estate, Bhubaneswar - 751010

**Chief Editor: Sirdhartha Roy**

ମୁଖ୍ୟ ସମ୍ପାଦକ - ସିଦ୍ଧାର୍ଥ ରାୟ

**Editor - Monalisa Das**

ସମ୍ପାଦିକା: ମୋନାଲିସା ଦାସ